ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Vol.26 . No.201 Bhubaneswar Sunday September 17 2023 | ୨୬ତମ ବର୍ଷ | ସଂଖ୍ୟା–୨୦୧ ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ସୁନ୍ଦରଗଡରେ ଚିନ୍ତା ବଢ଼ାଉଛି ସ୍କ୍ରବ ଟାଇଫସ : ପୁଣି ୭ଜଣ ଚିହ୍ନଟ



ଭୁବନେଶ୍ୱର,୧୬।୯(ପି.ଏନ): ସାରା ରାଜ୍ୟରେ ଚିନ୍ତା ବଢ଼ାଇଲାଣି ସ୍କ୍ରବ ଟାଇଫସ୍ । ସୁନ୍ଦରଗଡରେ ପୁଣି ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏବେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୬୯କୁ ଛୁଇଁଛି । ରାଜ୍ୟରେ ଏହା ସର୍ବାଧିକ ବୋଲି କୁହାଯାଉଛି । ଗତ ଜାନୁଆରି ୧ରୁ ସେପଟେମ୍ବର ୧୨ ତାରିଖ ମଧ୍ୟରେ ଜିଲ୍ଲାରେ ୧୩୨ ଜଣ ସ୍କ୍ରବ ଟାଇଫସ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅଗଷ୍ଟ ୨୩ରେ ବଡଗାଁ ତୁଡାଲଗାର ସହଦେବ ତେଲି ନାମକ ଜଣେ ବ୍ୟକ୍ତିଙ୍କର ଏହି କାରଣରୁ ଜୀବନ ଯାଇଥିବା ଅଭିଯୋଗ ହୋଇଛି ।ଏନେଇ ଡାକ୍ତର କହିଛନ୍ତି ଯେ, ତାଙ୍କ ଦେହରେ ସ୍କ୍ରବ ଟାଇଫସ୍ ଚିହ୍ନଟ ହୋଇଥିଲା, କିନ୍ତୁ ସେ ଅନ୍ୟ ରୋଗରେ ମଧ୍ୟ ଆକ୍ରାନ୍ତ ଥିଲେ । ତେବେ ଚିଗର୍ସ ନାମକ ଏକ କୀଟ କାମୁଡିବା ଦ୍ୱାରା ଲୋକଙ୍କ ଶରୀରରେ ଏହି ସଂକ୍ରମଣ ଆରମ୍ଭ ହୋଇଥାଏ । ଟିଙ୍କ ଜାତୀୟ ଏହି ଅତି କ୍ଷୁଦ୍ର କୀଟ ସାଧାରଣତଃ ପୋଖରୀ, ଜଙ୍ଗଲ ଓ ଚାଷ ଜମିରେ ଦେଖିବାକୁ ମିଳିଥାଏ । ପୋଖରୀ, ବିଲ କି ଜଙ୍ଗଲକୁ ଯାଉଥିବା ଲୋକେ ଏହି କୀଟ ଦଂଶନର ଶିକାର ହୋଇଥାନ୍ତି ।

ସାଧାରଣତଃ ଜୁଲାଇରୁ ନଭେମ୍ବର ମାସ ମଧ୍ୟରେ ସ୍କ୍ରବ ଟାଇଫସ୍ ସଂକ୍ରମଣ ଦେଖିବାକୁ ମିଳିଥାଏ । ଏହି ସଂକ୍ରମଣରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଭୀଷଣ ଜ୍ୱର ହେବା ସହ ମୁଣ୍ଡ ବୁଲାଇବା ଓ ମାଂସପେଶୀ ଦରଜ ହୋଇଥାଏ । ପୋକ କାମୁଡିଥିବା ସ୍ଥାନ କୁଣ୍ଡେଇ ହେବା ସହ କିଛି ସମୟ ପରେ କଳା ପଡିଯାଏ । ଲକ୍ଷଣ ପ୍ରକାଶ ପାଇବା କ୍ଷଣି ଠିକ୍ ସମୟରେ ପରୀକ୍ଷା କରି ଚିକିତ୍ସା କରାଇଲେ ରୋଗୀଙ୍କ ଜୀବନ ବିପଦମୁକ୍ତ ହୋଇଥାଏ ବୋଲି ଡାକ୍ତର କହିଛନ୍ତି ।

# ବିଜେଡି ସରକାରର ଏକଛତ୍ରବାଦ ଶାସନକୁ ବରଦାସ୍ତ କରିବେ ନାହିଁ ଓଡ଼ିଶାବାସୀ: ମନମୋହନ ସାମଲ

ଜୟପୁର /ଭୁବନେଶ୍ୱର,୧୬।୯ (ପି.ଏନ): ଓଡ଼ିଶାରେ ମୁକ, ବଧିର ଓ ପଙ୍ଗୁ ସରକାର ଚାଲିଛି। ଗାଁ, ପଂଚାୟତ, ବ୍ଲକ ଓ ଜିଲ୍ଲାର ଉନ୍ନତି ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଦେଉଛନ୍ତି, କିନ୍ତୁ ଶାସକ ବିଜେଡିର ନେତା, ମନ୍ତ୍ରୀ ଏବଂ ନିର୍ଦ୍ଦିଷ୍ଟ ସରକାରୀ ଅଧିକାରୀମାନେ ତାକୁ ବାଟମାରଣା କରିଛନ୍ତି। ୫୦ ପ୍ରତିଶତ ପିସି କାରବାର । ଏନେଇ ଯେଉଁ ବ୍ୟକ୍ତି ମୁହଁଖୋଲୁଛି ଶାସକ ଦଳର ଗୁଣ୍ଡାମାନେ ତାଙ୍କୁ ମିଥ୍ୟାରୋପ ଲଗାଇ ଜେଲ୍ ପଠାଉଛନ୍ତି। ଓଡ଼ିଶାରେ ଆଜି ପଂଚାୟତରାଜ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡି ପଡିଥିବାବେଳେ ଗଣତନ୍ତ୍ର ବ୍ୟବସ୍ଥା ଧ୍ୱସ୍ତବିଧ୍ୱସ୍ତ ହୋଇପଡିଛି। ରାଜ୍ୟର ଶାସନ ବ୍ୟବସ୍ଥାରେ ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ବ୍ୟବସ୍ଥା ଯାହା ତଳେ ପଂଚାୟତ ନିର୍ବାଚନ ପ୍ରତିନିଧିମାନଙ୍କ ଅବସ୍ଥା ତଦୃପ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ।ଶନିବାର ଜୟପୁରଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ, ଓଡ଼ିଶାକୁ ମୋଦି ସରକାର ଅନୁଦାନ ଦେଉଛନ୍ତି କିନ୍ତୁ ରାଜ୍ୟ ସରକାର ସେହି ଟଙ୍କାକୁ ସାଧାରଣ ଲୋକଙ୍କ ପାଖରେ ପଂହଚାଉନାହାନ୍ତି । ଫଳରେ ଗରୀବ ଲୋକଙ୍କ ଆର୍ଥିକ ବିକାଶରେ ବାଧାପ୍ରାପ୍ତି ହେଉଛି। ଜୟପୁରରେ ଆଜିପର୍ଯ୍ୟନ୍ତ "ଜାଗା ମିଶନ"ର କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହି ଅଂଚଳରେ ଶୁଦ୍ଧପାନୀୟ ଜଳ ଯୋଗାଇବାରେ ବିଫଳ। ରାଜ୍ୟରେ ୫୬ହଜାର ସ୍କୁଲରେ ପାଠପଢ଼ା ବନ୍ଦ ଓ ୪୦ଲକ୍ଷ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ରାଜ୍ୟ ସରକାରଶିକ୍ଷକମାନଙ୍କ ମୌଳିକ ଦାବି ପୂରଣ କରନ୍ତୁ। ବିଜୁ ଜନତା ଦଳର ନୈତିକ ସାହସ ଅଛି ତାହେଲେ ଓଡ଼ିଶାର କେଉଁ ପଂଚାୟତରେ କେତେ ଟଙ୍କାର କାର୍ଯ୍ୟ ହୋଇଛି, ତାହା ଘୋଷଣା କରନ୍ତୁ ବୋଲି ଶ୍ରୀ ସାମଲ କହିଛନ୍ତି । ଓଡ଼ିଶାବାସୀ ବିଜେଡି ସରକାରର ଏକଛତ୍ରବାଦ ଶାସନକୁ ବରଦାସ୍ତ କରିବେ ନାହିଁ। ଦୁର୍ନୀତି, ଭ୍ରଷ୍ଟାଚାର ଓ ଅହଂକାରରେ ବୁଡି ରହିଥିବା ବିଜେଡି ସରକାରର ବିନାଶର ସମୟ ଆସିଯାଇଛି ବୋଲି ଶ୍ରୀ ସାମଲ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଶାସନକୁ ଆସିବା ପରେ ଓଡ଼ିଶାର ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ଯାହାର ଉଦାହରଣ ଆଦିବାସୀବହୁଳ କୋରାପୁଟ ଜିଲ୍ଲାରେ ଦେଖିବାକୁ ମିଳିଛି। ବନ୍ୟଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କାରଣରୁ ସ୍ଥାନୀୟ ଅଂଚଳବାସୀଙ୍କର ଆର୍ଥୀକ ଅଭିବୃଦ୍ଧି ଘଟିଛି । ମୋଦିଜୀଙ୍କ ପ୍ରୟାସରେ ଜୟପୁରରେ "ଉଡାନ" ଯୋଜନାର କାର୍ଯ୍ୟକାରୀ ଫଳରେ ଲୋକେ ରାଜଧାନୀ ଭୁବନେଶ୍ୱରକୁ ମାତ୍ର ଦେଢ଼ ଘଂଟାରେ ପଂହଚିପାରୁଛନ୍ତି। କୋରାପୁଟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍ଥାପିତ ହୋଇଛି । ସେହିପରି ଭାରତମାଳା ଯୋଜନାରେ ରାୟପୁର ଓ ବିଶାଖାପାଟଣା ରାଜପଥକୁ ଯୋଡିଛନ୍ତି, ରାଂଚି ଓ ବିଜୟୱାଡା କରିଡର ନିର୍ମାଣ କୋଟି କୋଟି ଟଙ୍କା ବ୍ୟୟରେ ଚାଲିଛି । ମାଲକାନଗିରିକୁ ରେଳ ସେବା ଆରମ୍ଭ କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦିଜୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀ ତଥା କୋରାପୁଟ ଜିଲ୍ଲାବାସୀଙ୍କ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦକ ସରୋଜ କର ଓ ପୂର୍ଣ୍ଣିମା ନାୟକ, ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସଂପାଦକ କାଳିରାମ ମାଝୀ, ପୂର୍ବତନ ସାଂସଦ ବଳଭଦ୍ର ମାଝୀ, କୋରାପୁଟ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌତମ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଗୀତା ମେହେଟାଙ୍କ ପରଲୋକ



ଭୁବନେଶ୍ୱର,୧୬।୯(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ଭଉଣୀ ତଥା ପ୍ରେମ ପଟ୍ଟନାୟକଙ୍କ ସାନ ଭଉଣୀ ଗୀତା ମେହେଟାଙ୍କ ୮୦ ବର୍ଷ ବୟସରେ ଦିଲ୍ଲୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ପ୍ରବାଦ ପୁରୁଷ ଓଡ଼ିଶା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜ୍ୟେଷ୍ଠ କନ୍ୟାଥିଲେ। ଅନ୍ତର୍ଜାତୀୟ ସ୍ତରରେ ଜଣେ ସୁଲେଖିକା ତଥା ସାମ୍ବାଦିକା ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କ ସ୍ୱାମୀ ସନ୍ନି ମେହେଟା ଆମେରିକାର ଏକ ବଡ଼ ପ୍ରକାଶନ ସଂସ୍ଥାର ସତ୍ତ୍ୱାଧିକାରୀ ଥିଲେ। ଯାହାଙ୍କର ୨୦୧୯ ମସିହାରେ ପରଲୋକ ଘଟିଥିଲା। ଶ୍ରୀମତୀ ଗୀତା ମେହେଟାଙ୍କ ନିଧନରେ ରାଜ୍ୟ, ଦେଶ ତଥା ବିଦେଶର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଶୋକ ବାର୍ତ୍ତା ଆସିବାରେ ଲାଗିଛି ।

## ହୀରାକୁଦ ଜଳଭଣ୍ଡାରରୁ ୨୬ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୧୬।୯(ପି.ଏନ): ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ସ୍ଥିତିକୁ ଦୃଷ୍ଟିରେ ରଖି ଆଜି ପୂର୍ବାହ୍ନରେ ଆଉ ୪ଟି ସ୍ଲୁଇସ୍ ଗେଟ୍ ଖୋଲା ଯାଇଛି ।

# ୪ ଓଏଏସଙ୍କ ବଦଳି ବାତିଲ: ବଦଳିଲେ ବିଡିଏ ଏନଫୋର୍ସମେଂଟ ଅଧିକାରୀ

ଭୁବନେଶ୍ୱର,୧୬।୯(ପି.ଏନ): ରାଜ୍ୟ ସରକାର ଓଏଏସ୍ ଅଫିସରସ୍ତରରେ ବଦଳି କରିଛନ୍ତି । ପୂର୍ବରୁ ବଦଳି ହୋଇଥିବା ୪ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳିକୁ ବାତିଲ କରିଥିବାବେଳେ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଏନଫୋର୍ସମେଂଟ୍ ଅତିରିକ୍ତ କମିଶନର ତଥା ବରିଷ୍ଠ ଓଏଏସ୍ ହରିଶ ଚନ୍ଦ୍ର ନାୟକଙ୍କୁ ତାଙ୍କ ପଦରୁ ହଟାଇ ଦେଇଛନ୍ତି ।ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବରିଷ୍ଠ ଓଏଏସ୍ ହରିଶ ଚନ୍ଦ୍ର ନାୟକଙ୍କୁ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ନିର୍ଦ୍ଦେଶକ(ତଦନ୍ତ) ଭାବେ ବଦଳି ହୋଇଛି । ଶ୍ରୀ ନାୟକ ଏବେ ବିଡିଏ ଏନଫୋର୍ସମେଂଟ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି ବୋର୍ଡ ଅଫ ରେଭନ୍ୟୁ ଅତିରିକ୍ତ ସଚିବ ସନ୍ତୋଷୀ ସାହୁଙ୍କ ବଦଳିକୁ ବାତିଲ କରାଯାଇଛି । ଶ୍ରୀମତୀ ସାହୁଙ୍କ ବଦଳି ଲୋକାୟୁକ୍ତ କାର୍ଯ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ(ତଦନ୍ତ) ଭାବେ ହୋଇଥିଲା ।ସେହିପରି ବରିଷ୍ଠ ଓଏଏସ୍ ସରିତା ଧନୱରଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ଶ୍ରୀମତୀ ଧନୱର ଏବେ ଓଡିଶା କୃଷି ଶିଳ୍ପ ନିଗମର ଜେନେରାଲ ମ୍ୟାନେଜର ଅଛନ୍ତି ଓ ତାଙ୍କର ବଦଳି ରାଜ୍ୟ ଯୋଗାଣ ନିଗମ ଜେନେରାଲ ମ୍ୟାନେଜର ଭାବେ ହୋଇଥିଲା । ତାଙ୍କର ପୂର୍ବ ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି ।



# ଆଜି ଓଡ଼ିଶା ଆସୁଛନ୍ତି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର,୧୬।୯(ପି.ଏନ):କେନ୍ଦ୍ର ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ଭୁବନେଶ୍ୱରରେ ପିଏମ୍ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ କରିବେ। ଏଥିପାଇଁ ସେ ଆଜି ସନ୍ଧ୍ୟାରେ ଓଡିଶା ଗସ୍ତରେ ଆସି ପହଂଚିବେ ।ତାଙ୍କର ଏହି ଗସ୍ତ ସମୟରେ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ ପାଇଁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ଏମଏସଏମଇ କାର୍ଯ୍ୟକ୍ରମରେ ଆସନ୍ତାକାଲି ପୂର୍ବାହ୍ନ ୧୦.୧୫ ଘଟିକା ସମୟରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।ଶ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ସ୍ଥାନୀୟ ଉତ୍ପାଦ ପ୍ରସ୍ତୁତ କରୁଥିବା କଳାକାର ଓ ହସ୍ତଶିଳ୍ପୀ ମାନଙ୍କ ସହ ଯୋଗାଯୋଗ କରିବେ ଯାହା ସ୍ଥାନୀୟ ସମ୍ପ୍ରଦାୟ ଏବଂ ରେଳ ଉତ୍ସାହୀମାନଙ୍କ ପାଇଁ ଏକ ଉଲ୍ଲେଖନୀୟ ମୁହୂର୍ତ୍ତ ହେବ। ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ପାଇଁ ଅଶ୍ୱିନୀ ବୈଷ୍ଣବ ଏକ ଲୋକାଲ ଟ୍ରେନ୍ ରେ ସ୍ୱଚ୍ଛତା ଅଭିଯାନରେ ନେତୃତ୍ୱ ନେବେ ଏବଂ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ଯାତ୍ରା କରିବେ। ଭୁବନେଶ୍ୱରରୁ ଏହି ଟ୍ରେନ ଅପରାହ୍ନ ୦୨ ଘ.୩୦ ମି.ରେ ଛାଡି କଟକ ଯାତ୍ରା କରିବ ଏବଂ ମନ୍ତ୍ରୀଙ୍କ ସହ ଯାତ୍ରୀ ମାନେ ଯୋଗାଯୋଗ କରିବାର ସୁଯୋଗ ପାଇବେ। ଶ୍ରୀ ବୈଷ୍ଣବ ସ୍ୱଚ୍ଛତା ଅଭିଯାନ ଏବଂ ଏହାର ମହତ୍ୱ ବିଷୟରେ ଯାତ୍ରୀ ମାନଙ୍କୁ ସୂଚନା ପ୍ରଦାନ କରିବେ ।ଶ୍ରୀ ବୈଷ୍ଣବ କଟକ ରେଳ ଷ୍ଟେସନରେ ସ୍ୱଚ୍ଛତା ଅଭିଯାନରେ ମଧ୍ୟ ଭାଗ ନେବେ। ଏହି କାର୍ଯ୍ୟକ୍ରମ ରେଳ ବ୍ୟବସ୍ଥାର ଉନ୍ନତି ତଥା ଏହାର ଯାତ୍ରୀମାନଙ୍କ କଲ୍ୟାଣ ପାଇଁ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରତିବଦ୍ଧତାର ପ୍ରମାଣ ଅଟେ। ଆମ ରେଳ ବ୍ୟବସ୍ଥାରେ ସ୍ୱଚ୍ଛତାର ମହତ୍ୱ ବିଷୟରେ ଆଲୋଚନା ଏବଂ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ହିତାଧିକାରୀଙ୍କୁ ଏକତ୍ରିତ କରି ଏହା ଏକ ସୂଚନାଯୋଗ୍ୟ ଏବଂ ପ୍ରେରଣାଦାୟୀ ଘଟଣା ହେବ ବୋଲି ଆଶା କରାଯାଏ।

# କ୍ରୀଡା ମାଧ୍ୟମରେ କିଶୋରୀ ସଶକ୍ତିକରଣ



ରାୟଗଡ ୧୬।୯(ପି.ଏନ): ଜିଲ୍ଲା ପ୍ରଶାସନ, ରାୟଗଡ ୟୁନିସେଫ ଓ ଆକ୍ସନ ଏଡର ମିଳିତ ଆନୁକୁଲ୍ୟରେ କ୍ରୀଡା ମାଧ୍ୟମରେ କିଶୋରୀ ମାନଙ୍କୁ ସଶକ୍ତ କରିବା ନିମନ୍ତେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାୟଗଡ ପରିସରରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ର କିଶୋରୀ ବାଳିକା ମାନଙ୍କୁ ନେଇ ଏକ ଅଣ ପାରମ୍ପରିକ କ୍ରୀଡାର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ରଇତଙ୍କ ଦ୍ୱାରା ଏହି ଅଣ ପାରମ୍ପରିକ କ୍ରୀଡା ଉଦଘାଟିତ ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୨୫ ଜଣ କିଶୋରୀ ବାଳିକା ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରଇତ ନିଜର ବକ୍ତବ୍ୟରେ ସମାଜରେ ପୁରୁଷ ମହିଳାଙ୍କ ମଧ୍ୟରେ ଥିବା ବିଭେଦତାର ସମାନତାର ବାର୍ତ୍ତା ଏହି କ୍ରୀଡା ମାଧ୍ୟମରେ ସମାଜକୁ ଯାଉଥିବାର ସୂଚନା ଦେଇଥିଲେ । ପରିବାର ସମାଜ ତଥା ବିଭିନ୍ନ ସ୍ତରରେ କିଶୋରୀ ମାନଙ୍କ ପ୍ରତି ଥିବା ବିଷମତାକୁ ସମାନତାରେ ପରିଣତ କରିବା ପାଇଁ ଖେଳ ଏକ ଉତ୍ତମ ମାଧ୍ୟମ ବୋଲି ସେ ମତବ୍ୟକ୍ତ କରିଥିଲେ । ଖେଳର ମୁଖ୍ୟ ଉଦ୍ଦେଶ୍ୟ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ମହିଳା ସୁରକ୍ଷା ଅଧିକାରୀ ଶ୍ରୀମତୀ କାମାକ୍ଷୀ ମଞ୍ଜରୀ ପାଢ଼ୀ କହିଲେ ଯେ ଖେଳ ମାଧ୍ୟମରେ ଶିଶୁ ସୁରକ୍ଷା, ଶିଶୁ ଶ୍ରମିକ ଉଚ୍ଛେଦ ବାଲ୍ୟ ବିବାହ ନିରାକରଣ ଓ କିଶୋରୀ ସଶକ୍ତିକରଣର ବାର୍ତ୍ତା ନେଇ ଏହି ଅଣ ପାରମ୍ପରିକ କ୍ରୀଡା ଜିଲ୍ଲାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଛି ପୁଅ ମାନଙ୍କ ସମତୁଲ ବିଜୟୀ କିଶୋରୀ ମାନେ ସେମାନଙ୍କର ପରାକାଷ୍ଠା ପ୍ରଦର୍ଶିତ କରିବା ସହିତ ଲିଙ୍ଗୀୟ ସମାନତାର ବାର୍ତ୍ତା ଏହା ମାଧ୍ୟମରେ ଜନ ସମାଜକୁ ଦେଉଛନ୍ତି । ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ସେଖ ଅଲି ନୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଳକ ମାନଙ୍କ ଠାରୁ ବାଳିକା ମାନେ କୌଣସି ଗୁଣରେ ପଛରେ ନ ଥିବା ବିଷୟ ଉପରେ ଆଲୋକ ପାତ କରିବା ସହିତ ପୂର୍ବରୁ ପୁରୁଷ ମାନେ ଯେଉଁ ସବୁ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ ଆଜି ମହିଳା ମାନେ ସେ ସବୁ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦନ କରିଛନ୍ତି । ଏହିଭଳି ଖେଳ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ କରିବା ପାଇଁ ପରାମର୍ଶ ଦେଇଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ, ଭରପ୍ରାପ୍ତ ଶିଶୁ ସୁରକ୍ଷା ଅଧିକାରୀ ପ୍ରତାପ କୁମାର ଦାଶ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନାକ୍ଷୀ ଦାଶ, ଶାରୀରିକ ଶିକ୍ଷା ପରିଦର୍ଶକ ହରିହର ପାତ୍ର, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ଆକ୍ସନ ଏଦ ର ବାଲ୍ୟ ବିବାହ ନିଷେଧ ଜିଲ୍ଲା ପରାମର୍ଶ ଦାତା ରତ୍ନେଶ୍ୱର ସାହୁଙ୍କ ସମେତ ଜିଲ୍ଲାର ୧୨ଟି ବିଦ୍ୟାଳୟର ଶାରୀରିକ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇ ଏହି ଅଣ ପାରମ୍ପରିକ କ୍ରୀଡା ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ ।



ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ପର୍ଯ୍ୟବେକ୍ଷକ ପରିବାର ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା।

## ଛୁଟି ଘୋଷଣା

ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ସେପ୍ଟେମ୍ବର ୧୭ ରବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୯ ତାରିଖରେ ପ୍ରକାଶ ପାଇବ ।

–ପ୍ରକାଶକ

# ବ୍ରହ୍ମପୁର ଆଇଟିଆଇର ଭିନ୍ନ ପ୍ରୟାସ, ନିଆରା ଢଙ୍ଗରେ ପାଳିବେ ବିଶ୍ୱକର୍ମା ପୂଜା, ପୂଜା ମଣ୍ଡପରେ ଶୋଭା ପାଇବ ସ୍କ୍ରାପ ନିର୍ମିତ ଦଶାବତାର ପ୍ରତିକୃତି



ବ୍ରହ୍ମପୁର(ଚିନ୍ମୟୀ ପାଣିଗ୍ରାହୀ ),୧୬।୯(ପି.ଏନ): ଆସନ୍ତା ରବିବାର ଦିନ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁ?ଷ୍ଠିତ ହେବ। ଏଥିପାଇଁ ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ତେବେ ଏଥର ନିଆରା ଢଙ୍ଗରେ ଏହି ପର୍ବକୁ ପାଳନ କରିବା ପାଇଁ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରୟାସ ଜାରି ରଖିଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଅନୁଷ୍ଠାନ ର ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱକର୍ମାଙ୍କ ଏକ ସୁଦୃଶ୍ୟ ମୃଣ୍ମୟ ମୂର୍ତ୍ତି ଗଢ଼ାଯାଇଛି। ଏଥିସହ ଅଧ୍ୟକ୍ଷଙ୍କ ପରାମର୍ଶ କ୍ରମେ ଏଭଳି ଏକ ବିଶେଷ ଦିନରେ ନିଜ ଦକ୍ଷତାର ପରିପ୍ରକାଶ ପାଇଁ ପୂଜାମଣ୍ଡପରେ ଶ୍ରୀବିଷ୍ଣୁଙ୍କ ଦଶ ଅବତାରଙ୍କ ପ୍ରତିକୃତି ସ୍ଥାନିତ କରାଯିବ। ଏହି ସବୁ ପ୍ରତିକୃତି ବିଭିନ୍ନ ପ୍ରକାର ସ୍କ୍ରାପ୍‌ରେ ପ୍ରସ୍ତୁତି ଚାଲିଛି, ଯାହାକି ଶେଷ ପର୍ଯ୍ୟାୟରେ ପହଁଚିଛି। ମତ୍ସ୍ୟାବତାର, କଚ୍ଛପ ଅବତାର, ବରାହ ଅବତାର, ନୃସିଂହ ଅବତାର, ବାମନ ଅବତାର, ଶ୍ରୀରାମ ଓ ଶ୍ରୀକୃଷ୍ଣ ଆଦିଙ୍କ ସ୍କ୍ରାପରେ ପ୍ରସ୍ତୁତ ପ୍ରତିକୃତି ବେଶ୍ ଆକର୍ଷକ ହୋଇଛି। ଏସବୁ ପ୍ରତିକୃତିରେ ରଙ୍ଗ ତୂଳୀରେ କାମ ବାକି ରହିଛି। ପୂଜାମଣ୍ଡପରେ ଦେବଶିଳ୍ପୀଙ୍କ ସହ ପାର୍ଶ୍ୱ ଦେବଦେବୀ ଭାବେ ଶ୍ରୀବିଷ୍ଣୁଙ୍କ ଏହି ଦଶାବତାର ପ୍ରତିକୃତି ଶୋଭା ପାଇବ। ବିଭିନ୍ନ ଟ୍ରେଡ୍ ?ର ଶତାଧିକ ଛାତ୍ରଛାତ୍ରୀ ବେଶ୍ ଉତ୍ସାହର ସହ ପ୍ରସ୍ତୁତିରେ ନିୟୋଜିତ ହୋଇଛନ୍ତି ।ସ୍କ୍ରାପରେ ବିଭିନ୍ନ କଳାକୃତି ପ୍ରସ୍ତୁତ କରି ସାରା ଦେଶରେ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ବିଭିନ୍ନ ସମୟରେ ନାନା ପ୍ରକାରର ସ୍କ୍ରାପ୍ କଳାକୃତି ପ୍ରସ୍ତୁତ କରାଯାଇଛି। ଯାହାକି ଏହି ଶିଳ୍ପ ତାଲିମ ଅନୁଷ୍ଠାନର ସମ୍ମୁଖ ଭାଗ ଖେଳପଡିଆ ଚତୁଃପାର୍ଶ୍ୱରେ ସ୍ଥାପନ ହୋଇ ଏହାର ଶୋଭାବର୍ଦ୍ଧନ କରୁଛି। ଏପରିକି ଏହା ଏସିଆରର ସର୍ବବୃହତ୍ ସ୍କ୍ରାପ୍ କଳାକୃତି ମ୍ୟୁଜିୟମ୍ ?ର ମାନ୍ୟତା ହାସଲ କରିଛି। ଏବେ ଦେବଶିଳ୍ପୀଙ୍କ ପୂଜାକୁ ଏକ ଅବସରରେ ପରିଣତ କରି ଛାତ୍ରଛାତ୍ରୀମାନେ କିଭଳି ନିଜର ଦକ୍ଷତା ବିକାଶ କରିବା ସହ ଏହାକୁ ପ୍ରଦର୍ଶିତ କରିପାରିବେ, ସେଥିପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ମାର୍ଗଦର୍ଶନ କରିଛନ୍ତି। ତାଙ୍କ କହିବା ମୁତାବକ, ସେ ଆନ୍ଧ୍ରର ତିରୁପତିରେ ଥିବା ଦଶବାତାର କାଳକୃତିର ଭିଡିଓକୁ ଦେଖି ପ୍ରଭାବିତ ହୋଇଥିଲେ। ଅବିକଳ ସେଭଳି ପ୍ରତିକୃତି ଗଢ଼ିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ବିଭିନ୍ନ ଅଟୋମୋବାଇଲ୍ ସ୍କ୍ରାପ୍‌କୁ ନେଇ ସେମାନେ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ କମ୍ ସମୟରେ ଅଧିକ ପ୍ରାକ୍ଟିକାଲ୍ ଜ୍ଞାନ ଆହରଣ କରିପାରୁଛନ୍ତି। ଏଥିସହ ନଷ୍ଟରୁ ଶ୍ରେଷ୍ଠ ପ୍ରସ୍ତୁତ କରିବାର କଳାକୁ ଆୟତ କରିବାରେ ଏହା ସକ୍ଷମ ହେଉଛି। ଚେନ୍, କ୍ରାଙ୍କ, ଲୁହା ପାଟିଆ ଆଦି ସ୍କ୍ରାପ୍ ?କୁ ବ୍ୟବହାର କରି ଶ୍ରୀବିଷ୍ଣୁଙ୍କ ଦଶାବତାର ପ୍ରତିକୃତି ନିର୍ମାଣ କରିଛନ୍ତି। ଏସବୁକୁ ଚୂଡାନ୍ତ ରୂପ ଦେବା ବାକି ରହିଛି।

# ରାତିରେ ଶୋଇଥିବା ସମୟରେ ଭାଙ୍ଗିପଡିଲା ଛାତ, ୩ ଶିଶୁଙ୍କ ସହ ଗୋଟିଏ ପରିବାରର ୫ ମୃତ



ଲକ୍ଷ୍ନୌ,୧୬।୯(ପି.ଏନ): ଆଜି ଅର୍ଥାତ୍ ଶନିବାର ଲକ୍ଷ୍ନୌରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଛି । ରେଲୱେ କଲୋନୀରେ ଛାତ ଖସିପଡିବାରୁ ୩ ଜଣ ଶିଶୁଙ୍କ ସହିତ ଗୋଟିଏ ପରିବାରର ୫ ଜଣଙ୍କ ମୃତ୍ୟୁ ହୋଇଯାଇଛି । ମୃତକଙ୍କ ମଧ୍ୟରେ ଅଛନ୍ତି ୪୦ ବର୍ଷୀୟ ସତୀଶ ଚନ୍ଦ୍ର, ୩୫ ବର୍ଷୀୟା ସରୋଜିନୀ ଦେବୀ, ୧୩ ବର୍ଷୀୟ ହର୍ଷିତ, ୧୦ ବର୍ଷୀୟା ହର୍ଷିତା ଓ ୫ ବର୍ଷୀୟ ଅଂଶ ।ଏହି ଦୁର୍ଘଟଣାକୁ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରିଛନ୍ତି ଓ ଘଟଣାରେ ପୀଡିତଙ୍କୁ ତତ୍କାଳ ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏବେ ସେଠାରେ ଏସଡିଆରଏଫ୍ ଟିମ୍ ପହଞ୍ଚି ମୃତକଙ୍କ ଶବ ଉଦ୍ଧାର କରିବା କାର୍ଯ୍ୟରେ ଲାଗିଛି । ଏହି ଦୁର୍ଘଟଣା ଆଲମବାଗର ଆନନ୍ଦନଗର ଫତେହ ଅଲୀ ଛକରେ ଥିବା ରେଲୱେ କଲୋନୀରେ ଘଟିଛି ।ଶନିବାର ସକାଳେ ଆଲମବାଗ ରେଲୱେ କଲୋନୀ ଏକ ପୁରୁଣା କୋଠାର ଛାତ ଭାଙ୍ଗି ପଡିବା ଦ୍ୱାରା ୫ ଜଣଙ୍କ ଜୀବନ ଚାଲିଯାଇଛି । ଏମାନଙ୍କ ମଧ୍ୟରେ ୩ ଜଣ ଶିଶୁ ସାମିଲ ଅଛନ୍ତି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତକଙ୍କୁ ଛାତ ତଳୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇଛି । ଏହା ସହିତ ସେଠାରେ ଆଉ କିଛି ଲୋକ ଫସିରହିଥିବା ଆଶଙ୍କା କରାଯାଇ ଉଦ୍ଧାର କାର୍ଯ୍ୟ ଜାରି ରଖାଯାଇଛି । ସବୁଠାରୁ ଦୁଃଖଦ ହେଉଛି ସମସ୍ତ ସଦସ୍ୟ ଘରେ ଶୋଇଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଏହି କାରଣରୁ କେହି ଜୀବନ ବଞ୍ଚାଇ ପାରି ନ ଥିଲେ ।

# ଶୈଶବ ଅବସ୍ଥାରେ ଶିକ୍ଷାର ମୂଲ୍ୟବୋଧ ସାଜିଛି ଭିକ୍ଷାବୃତ୍ତି

ଜେନାପୁର,୧୬।୯(ପି.ଏନ) ଆଜକୁ ପ୍ରାୟ ଆମ ଦେଶ ସ୍ୱାଧିନତାର ୭୭ତମ ବର୍ଷ ପରେ ବି ବିଭିନ୍ନ ଅଞ୍ଚଳରେ ଶିକ୍ଷାର ପ୍ରସାର ଅବହେଳାରୁ ଦଳିତ ପଛୁଆ ବର୍ଗର ଲୋକମାନେ ଶିକ୍ଷାର ମୂଲ୍ୟବୋଧ ବୁଝିପାରି ନାହାନ୍ତି । ସରକାରଙ୍କ ବିଭିନ୍ନ ଯୋଜନା ସେମାନଙ୍କ ପାଇଁ ପ୍ରଣୟନ କରିଥିବା ବେଳେ ପ୍ରକୃତ ଲୋକଙ୍କ ପାଖରେ ଶିକ୍ଷାର ପ୍ରଗତି ପହଞ୍ଚି ପାରିନାହିଁ । ଯାହା ଫଳରେ କି ରାସ୍ତା ଗାଁ ରେ ଶୈଶବ ଅବସ୍ଥାରେ ଛୋଟଛୋଟ ଶିଶୁମାନେ ବ୍ୟାଗ୍ ଓ ଗିନ ?। ଧରି ଘରକୁ ଘର ଗାଁକୁ ଗାଁ ବୁଲି ନୈନ୍ଦିନ ଭିକ୍ଷାବୃତି କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଈପୁର ପଞ୍ଚାୟତ ଅଧିନସ୍ଥ କେଳାସାହି ଗ୍ରାମରେ । ଦୀର୍ଘ ଦିନ ଧରି ବୃନ୍ଦାଦେଈପୁର ପଞ୍ଚାୟତରେ କେଳା ସମ୍ପ୍ରଦାୟର ଲୋକମାନେ ବସତି ସ୍ଥାପନ କରିଆସୁଛନ୍ତି ସତ । କିନ୍ତୁ ଏଠାରେ ଶିକ୍ଷାର ମୂଲ୍ୟବୋଧ ଅନତି ଦୂରରେ ରହି ଆସୁଛି । ମୌଳିକ ଶିକ୍ଷା ଠାରୁ ବଞ୍ଚିତ ଅଛନ୍ତି ଅନେକ ପରିବାର । ପରିବାର ପ୍ରତିପୋଷଣ କହିଲେ ପ୍ରତିଦିନ ଭିକ୍ଷା ବୃତ୍ତି ଓ ଘୁସୁରୀ ପାଳନ କରି ଜୀବନ ଜାପନ କରିଥାନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ବ୍ୟବସ୍ଥା ପଛୁଆ ବର୍ଗଙ୍କ ପାଇଁ ଥିବା ବେଳେ ପ୍ରହସନ ପାଲଟିଛି ମୌଳିକ ସୁବିଧା ସୁଯୋଗ । ନାଁ ଅଛି ବାପା ମା'ଙ୍କ ଶିକ୍ଷା ନାଁ ଅଛି ପରିବାର ପ୍ରତିପୋଷଣ ପାଇଁ ଅର୍ଥ ଯାହା ଭିକ୍ଷା ବୃତ୍ତି ଆଦୟ କରି ଆଣନ୍ତି ତାହା ମଦ ପିଇବାରେ ନୈନ୍ଦିନ ଖର୍ଚ୍ଚରେ ଚାଲିଯାଏ । ଦେଶ ସ୍ୱାଧିନତାର ଏତେ ବର୍ଷ ବିତିଯାଇଥିଲେ ସୁଦ୍ଧା ସେ ସମ୍ପ୍ରଦାୟର ଲୋକମାନେ ସାଧାରଣ ଲୋକ ଚଳିବା ଭଳି ପରିବେଶ ସୃଷ୍ଟି କରିବାରେ ଅପହଞ୍ଚ ଇଲାକାରେ ରହିଯାଇଛି । ସେମାନଙ୍କର ସ୍ୱାଧିନତାର ନାଗରିକ ଅଧିକାର ଭୋଟ ସମୟରେ ହଁ ଦେଖାଯାଏ । ମୌଳିକ ଶିକ୍ଷା ଅଭାବରୁ ପରିବାର ଭରଣ ପୋଷଣ କରିବା ଠାରୁ ଆରମ୍ଭ କରି ପିଲାମାନଙ୍କର ଶିକ୍ଷା ଓ ଭବିଷ୍ୟତ ଧୂଳିସାତ୍ ହୋଇଥାଏ । 'ଅଳ୍ପ ବିଦ୍ୟା ଭୟଙ୍କର' ଭଳି ଲେଖା ପଢା ନ ଜାଣିବା ନଥିବାରୁ ବେଳେ ବେଳେ ଠକାମିର ପରିଚୟ ଦିଅନ୍ତି । ଆଜିର ଶିଶୁ କାଲିର ନାଗରିକ କିନ୍ତୁ ଏଠି ଶିକ୍ଷାର ଅଭାବ ହେତୁ ଆଜିର ଦିନରେ ବହୁ ପଛରେ ରହିଯାଇଛନ୍ତି । ଏପରି ଶିଶୁମାନଙ୍କୁ ବାରମ୍ବାର ସରକାର ଦୃଷ୍ଟି ଗୋଚରକୁ ଆଣିଲେ ବି କିଛି ଦିନ ବିଦ୍ୟାଳୟ ଯିବା ଆସିବା ପରେ ପୁଣି ସେହି ଦୃଶ୍ୟ ଦେଖିବାକୁ ମିଳେ । ଏହି ପରିସ୍ଥିତିକୁ ପ୍ରଶାସନ ଖୁବ୍ ଶୀଘ୍ର ଗୁରୁତ୍ୱପୂର୍ଣ୍ଣ ଭାବେ ଦୃଷ୍ଟିକୁ ନେଇ ଶିଶୁ ବିକାଶ ଅଧିକାର ଆଇନ ଜରିଆରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପଞ୍ଚାୟତର ଗ୍ରାମବାସୀମାନେ ଦାବୀ କରିଛନ୍ତି ।



# ୧୮ରୁ ପୁଣି ବଢ଼ିବ ବର୍ଷା !

ଦୁଇ ଦିନ ଧରି ରାଜ୍ୟରେ ମୌସୁମୀ ବର୍ଷା ଲାଗି ରହିବା ପରେ ଆଜି ସାମାନ୍ୟ କମିଛି। ହେଲେ ୧୮ରୁ ପୁଣି ବର୍ଷାର ପରିମାଣ ବଢ଼ିବ। ୨୦ ତାରିଖରୁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୧୮ ତାରିଖରେ ଅନୁଗୋଳ, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏଥିସହ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ରାୟଗଡା, ଗଜପତି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ଘଡଘଡି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ

ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ



ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ୱର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର



ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।




# ଭଦ୍ରକ ମାଟିର ଭୂମୀପୁତ୍ର ବୈରାଗୀ ଜେନା

ପ୍ରଦୀପ ସେନାପତି

ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟରେ ଓଡ଼ିଶାରେ ନେତାମାନଙ୍କର ପ୍ରାଦୁର୍ଭାବ ବଢି ବଢି ଚାଲିଥିବା ବେଳେ ଦୁର୍ନୀତିରେ ଉବୁଟୁବୁ ହୋଇ ଗୁଣ୍ଡାରାଜ ଚଳାଇବା ସହିତ ନାରୀଧର୍ଷଣ, ଗଣହତ୍ୟାରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟର ଛାପ ସୃଷ୍ଟି କରିବାରେ ଆଦୌ ଅବହେଳା କରୁନାହାଁନ୍ତି। ସରକାରୀ ଦଳର ମୁଖିଆ ଘରେ ବସି ରିମୋର୍ଟ ମାଧ୍ୟମରେ ଏକ ନିଷ୍କ୍ରିୟ ସରକାର ଚଳାଉଛନ୍ତି। ଯାହା ପୂର୍ବରୁ କେବେହେଲେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିନଥିଲା। ଜନକଲ୍ୟାଣକାରୀ ରାଷ୍ଟ୍ରରେ ବାଘ ନଥିଲେ ମିରିଗ ନାଟ ଭଳି ଦୃଶ୍ୟ ଏବେ ଦେଖିବାକୁ ମିଳୁଛି। କେତେକ ସଚ୍ଚୋଟ ଜନପ୍ରିୟ ନେତାମାନଙ୍କର ଅନୁପସ୍ଥିତିରେ ଏବେ ତାହା ସମ୍ଭବ ହୋଇପାରିଛି ବୋଲି ମୁଁ ଅନୁଭବ କରୁଛି। ସେମାନଙ୍କ ମଧ୍ୟରୁ ସେହିଭଳି ଜଣେ ଭଦ୍ରକ ମାଟିର କୃତି ସନ୍ତାନ, ଅତ୍ୟନ୍ତ ଗରିବ ପରିବାରର ଦଳିତ ଲୋକାଭିମୁଖୀ ଜନନେତା, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ବୈରାଗୀ ଜେନାଙ୍କର ଆଜିର ୨୨ତମ ଶ୍ରାଦ୍ଧବାର୍ଷିକ ଅବସରରେ ଏହି ଅବିସ୍ମରଣୀୟ ଲୋକପ୍ରିୟ ନେତାଙ୍କୁ ହୃଦୟର ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ମନେପକାଇବାରେ ମୋର ଆନନ୍ଦ ଅଟେ।

ତାଙ୍କର ରାଜନୈତିକ ଜୀବନରେ କୌଣସି ଶତ୍ରୁ ତିଆରି କରିନଥିଲେ। ତାଙ୍କର ରାଜନୈତିକ ଶତ୍ରୁ ବି ଏହାକୁ ସ୍ୱୀକାର କରିବାକୁ ବାଧ୍ୟ। ନିତ୍ୟାନ୍ତ ଗରୀବ ହରିଜନ ପରିବାରର ପୁଣି ସୁଦୂର ମଫସଲ ଭଦ୍ରକ ଜିଲ୍ଲାର ବାମନାବିନ୍ଧା ଗ୍ରାମରେ ଜନ୍ମ ହୋଇ ମଧ୍ୟ ନିଜର ପ୍ରଚଣ୍ଡ ପ୍ରତିଭା ପାଇଁ ନିଜକୁ ସେ ସମଗ୍ର ଓଡ଼ିଶାରେ ପ୍ରତିଷ୍ଠିତ କରିପାରିଥିଲେ।

ଭଦ୍ରକ ହାଇସ୍କୁଲ୍‌ରେ ପାଠପଢା ସାରି ଭଦ୍ରକ କଲେଜରେ ପଢୁଥିବା ବେଳେ ଗାଁରେ ଜମିଦାରମାନଙ୍କ ଦ୍ୱାରା ଶୋଷିତ, ନିଷ୍ପେସିତ ଓ ଅତ୍ୟାଚାରିତ ହେଉଥିବା ଗ୍ରାମବାସୀମାନଙ୍କ ମନରେ ଜନଜାଗରଣ ସୃଷ୍ଟି କରିବାକୁ ଡାକରା ଦେଇଥିଲେ। ସେତେବେଳେ ସେ କହିଥିଲେ, 'ଲାଲ୍ ଝଣ୍ଡା ଧରି-ଲାଲ ଶିରିପା ଭିଡ଼ି ଲାଲ ଫୌଜ ଚାଲରେ'। ଗାଁର ଶ୍ମଶାନ ଓ ଗୋଚର ଜମିକୁ ଗାଁ ଜମିଦାରମାନେ ଜବରଦସ୍ତ ଦଖଲ କରି ନେଉଥିବା ବେଳେ ତା'ର ପ୍ରତିବାଦରେ ଗାଉଥିଲେ, 'ଆମରି ଗାଁର ଶ୍ମଶାନ ଭୂଇଁ, ସଇତାନ ତୁମେ ପାରିବନି ଛୁଇଁ।'

ଏଭଳି ଏହି ପ୍ରତିଭାବାନ ବ୍ୟକ୍ତିଙ୍କୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ସେତେବେଳେ ଚିହ୍ନି ପାରିଥିଲେ। ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୬୧ରେ କଂଗ୍ରେସରେ ଯୋଗ ଦେଇଥିଲେ ଓ ଚାନ୍ଦବାଲିରୁ ଓଡ଼ିଶା ବିଧାନସଭାକୁ ବିପୁଳ ମାତ୍ରାରେ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ୧୯୬୭ରେ ପ୍ରବଳ କଂଗ୍ରେସ ବିରୋଧୀ ଜନମତରେ ବିଜୁ ପଟ୍ଟନାୟକ ଓ ନୀଳମଣି ରାଉତରାୟଙ୍କ ସମେତ ସେ ମଧ୍ୟ ପରାଜିତ ହେଲେ।

୧୯୭୧ ଇନ୍ଦିରା ଗାନ୍ଧୀଙ୍କ ଗରୀବ ହଟାଓ ସ୍ଲୋଗାନରେ ବିଜୁ ପଟ୍ଟନାୟକ ପାଞ୍ଚୋଟି ବିଧାନସଭା ଆସନରୁ ଓ ଦୁଇଟି ଲୋକସଭା ଆସନରୁ ପରାଜିତ ହୋଇଥିବା ବେଳେ ସେଥିରେ ମଧ୍ୟ ବୈରାଗୀ ଜେନା ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଉତ୍କଳ କଂଗ୍ରେସ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ଗଙ୍ଗାଧର ଦାସଙ୍କଠାରୁ ହାରିଥିଲେ।



୧୯୭୪ ମସିହାରେ ସ୍ୱର୍ଗତଃ ଡଃ ମହତାବ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ରବି ରାୟ ଆଦି ନେତାମାନେ ବିଜୁ ପଟ୍ଟନାୟକଙ୍କ ସହିତ ମିଳିତ ହୋଇ "ପ୍ରଗତି ଦଳ" ଗଠନ କରାଗଲା। ସେତେବେଳେ ଜବାବ ମୁତାବକ ଗଙ୍ଗାଧର ଦାସଙ୍କୁ ପ୍ରଗତି ଦଳରୁ ଚାନ୍ଦବାଲି ପାଇଁ ଟିକେଟ ଦିଆଗଲା। ତେବେ, ବୈରାଗୀ ଜେନା ଦଳର ବିଶ୍ୱସ୍ତ ଓ ଶୃଙ୍ଖଳିତ ନିମିତ୍ତମାତ୍ର ସୈନିକ ଭାବରେ ସାମାନ୍ୟତମ ପ୍ରତିବାଦ ମଧ୍ୟ କଲେ ନାହିଁ। ବର୍ତ୍ତମାନର ମନ୍ତ୍ରୀ ରାଜା ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଆଦି ତତ୍କାଳୀନ ନେତାମାନଙ୍କ ପ୍ରଚେଷ୍ଟା ଫଳରେ ବୈରାଗୀ ଜେନା ଅନ୍ୟ ଏକ ଭଣ୍ଡାରୀପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ "ପ୍ରଗତି ଦଳ"ରୁ ପ୍ରାର୍ଥୀ ହୋଇ ବିପୁଳ ଭୋଟରେ ବିଜୟ ହାସଲ କରିଥିଲେ। ଏହାପୂର୍ବରୁ ଭଦ୍ରକ ପୌର ନିର୍ବାଚନରେ ପ୍ରାର୍ଥୀ ହୋଇ ଜିତିଥିଲେ। ସେଥିପାଇଁ କୁହାଯାଏ ପ୍ରହ୍ଲାଦ ମଲିକ, ଲକ୍ଷ୍ମଣ ମଲିକ ଓ ବୈରାଗୀ ଜେନା ଦଳିତ ବ୍ୟକ୍ତିତ୍ୱ ହୋଇଥିଲେ ମଧ୍ୟ ନିଜ ରାଜନୈତିକ ପ୍ରତିଭା ପାଇଁ ସର୍ବଜନଆଦୃତ ଥିଲେ।

୧୯୭୭ ଜନତା ପାର୍ଟି ଟିକେଟରେ ଭଦ୍ରକ ଲୋକସଭା (ସଂରକ୍ଷିତ) ଆସନରେ ବିପୁଳ ଜନସମର୍ଥନ ପାଇ ନିର୍ବାଚିତ ହେଲେ। ୧୯୮୦ ଓ ୧୯୮୫ରେ ଚାନ୍ଦବାଲି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ପରାଜିତ ହେଲେ।

ପୁଣି ୧୯୯୦ରେ ବିଜୁ ପଟ୍ଟନାୟକଙ୍କର ଅତିପ୍ରିୟ ଦଳିତ, ନିଷ୍ପେସିତ ବ୍ୟକ୍ତିତ୍ୱ ଭାବରେ "ଜନତା ଦଳ" (ଚକ୍ର ଚିହ୍ନ) ଟିକେଟରେ ଲଢି କଂଗ୍ରେସ ପ୍ରାର୍ଥୀ ନେତ୍ରାନନ୍ଦ ମଲିକଙ୍କୁ ହରାଇ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ଏହି ବିଭାଗକୁ ପରିବର୍ତ୍ତନ କରି ବିଜୁ ପଟ୍ଟନାୟକ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦେଇଥିଲେ। ସମ୍ପୃକ୍ତ ଏହି ନିର୍ବାଚନରେ ବୈରାଗୀ ଜେନା ପ୍ରାର୍ଥୀ ହେବେନାହିଁ ବୋଲି କହି ବିଜୁବାବୁଙ୍କ ଆକ୍ରୋଶର ଶିକାର ହୋଇଥିଲେ। ବିଜୁ ପଟ୍ଟନାୟକ ସେତେବେଳେ ବିରକ୍ତି ଭାବରେ କାହିଁକି ମନାକରୁଛ ବୋଲି ପଚାରିବାରେ ବୈରାଗୀ ଜେନା ମୋ ପାଖରେ ଟଙ୍କା ଖର୍ଚ୍ଚ କରିବା ପାଇଁ ସମ୍ବଳ ନାହିଁ ବୋଲି ରୋକଠୋକ ଶୁଣାଇଥିଲେ। ବିଜୁ ପଟ୍ଟନାୟକ କହିଲେ କେତେ ଟଙ୍କା ହେଲେ ତୁମେ ଜିତିପାରିବ? ଉତ୍ତର ଥିଲା ସାର୍ ମାତ୍ର ପାଞ୍ଚ ସାତ ଲକ୍ଷ ମଧ୍ୟରେ ହେଲେ ମୁଁ ଜିତିପାରିବି। ବିଜୁ ପଟ୍ଟନାୟକଙ୍କର ବିଶାଳ ହୃଦୟକୁ ସେତେବେଳେ ବୈରାଗୀ ଜେନା ଚିହ୍ନି ପାରିଥିଲେ। ବିଜୁ ପଟ୍ଟନାୟକ ବିରକ୍ତି ଭାବରେ କହିଲେ ନୋ ନୋ ଏତିକିରେ ଜିତିପାରିବ ନାହିଁ। ମୁଁ ୧୨ ଲକ୍ଷ ଟଙ୍କା ଦେବି, ତୁମେ ଜିତିଲେ ମନ୍ତ୍ରୀ ହେବ, ଯାଅ। ମୁଁ ସେହି ସମୟରେ ବୈରାଗୀ ଜେନାଙ୍କ ସହିତ ଯାଇଥାଏ। ମୁଁ ଅବଶ୍ୟ ତଳେ ଥାଏ। ବିଜୁବାବୁଙ୍କ ରୋଷେଇଆ ସ୍ୱର୍ଗତଃ ଖଇରାତି ଭାଇ ସହିତ ସକାଳୁଆ ଚା ପିଉଥାଏ। ବିଜୁ ପଟ୍ଟନାୟକଙ୍କ ସହ ଆଲୋଚନା କରି ଫେରିବା ପରେ ପ୍ରାର୍ଥୀ ହେବା ପାଇଁ ନିଷ୍ପତ୍ତି ନିଆଗଲା। ସେହି ସମୟରେ ବୈରାଗୀ ଜେନା ପ୍ରାର୍ଥୀ ହୋଇ ଜିତିଲା ପରେ ମନ୍ତ୍ରୀ ହେଲେ ସତ କିନ୍ତୁ ଦୁର୍ଭାଗ୍ୟର କଥା-କେତେକ ସ୍ୱାର୍ଥାନ୍ୱେଷୀ, ଚକ୍ରାନ୍ତକାରୀ ଗୋଷ୍ଠୀଙ୍କ ଶିକାର ହୋଇ ସରଳ, ନିଷ୍କପଟ ଓ ଅଳ୍ପକେରେ ସନ୍ତୁଷ୍ଟ ଦରିଦ୍ର ମଣିଷଟି ଅଯଥା ବଦନାମର ବୋଝ ମୁଣ୍ଡାଇଲେ। ଅନ୍ୟମାନେ ପଣସ ଖାଇ ତାଙ୍କ ମୁଣ୍ଡରେ ଅଠା ବୋଳିଲେ। ତାଙ୍କୁ ବଦନାମ କଲେ ବୋଲି ଏକଥା କେବଳ ବିଜୁ ପଟ୍ଟନାୟକ ନୁହେଁ, ସାଧାରଣ ଲୋକମାନେ ମଧ୍ୟ ହୃଦୟଙ୍ଗମ କଲେ। ତାଙ୍କର ପାଖ ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି କରି ଖାଇଗଲେ। ବୈରାଗୀ ଜେନା ଯେଉଁ ବୈରାଗୀ ସେହି ବୈରାଗୀ ଭାବରେ ଜୀବନ ଗଲା। ୧୯୯୫ରେ ଅଞ୍ଚୁରୀ ତଞ୍ଜି କାଟିଲା ପରି ଚକ୍ରାନ୍ତ କରାଗଲା ଓ ସେ ପୁଣି ପରାସ୍ତ ହେଲେ। ତା'ପରେ ଆସିଗଲା ବିପର୍ଯ୍ୟସ୍ତ। ଦୀର୍ଘଦିନର ରାଜନୈତିକ ଜୀବନରେ ସେ ବହୁ କଷ୍ଟ ଓ ଅଯଥାରେ ଶତ୍ରୁ ସୃଷ୍ଟି କରିଥିଲେ। ଯେଉଁମାନେ ସୁଦିନରେ ତାଙ୍କ ପାଖରେ ମାଳ ମାଳ ହୋଇ ବୁଲୁଥିଲେ ସେମାନେ ତାଙ୍କ ପାଖ ବି ମାଡ଼ିଲେ ନାହିଁ। ଏହି ନିଃସ୍ୱାର୍ଥପର ବ୍ୟକ୍ତିଟି ନିଜର ବାସସ୍ଥାନ ପାଇଁ ଭିଟାମାଟିରେ ଖଣ୍ଡିଏ ପକ୍କା ଘର ତ' ଦୂରର କଥା, ଖଣ୍ଡେ ମାଟି ଘର ବି କରିପାରି ନଥିଲେ। ୧୯୭୭ ମସିହାରେ ମନ୍ତ୍ରୀ ସ୍ୱର୍ଗତଃ ନଟବର ପ୍ରଧାନଙ୍କ ଦାନ ଓ ପ୍ରଚେଷ୍ଟାରେ ଯେଉଁ ଘର ଖଣ୍ଡିଏ କରିଥିଲେ ତାହା ମଧ୍ୟ ତାଙ୍କ ନିଜ ନାମରେ ନଥିଲା। ଏପରିକି ଭଦ୍ରକ ଟାଉନ କିମ୍ବା ତିହିଡ଼ି ବଜାରରେ ଖଣ୍ଡେ ଜାଗାଟିଏ ବି କିଣିପାରି ନଥିଲେ। ଭଦ୍ରକ ସହରଠାରୁ ଆଠ କିଲୋମିଟର ଦୂରରେ ୯୫ ଡ଼ିସିମିଲ ଜାଗା କିଣି କୁଡ଼ିଆ ଘର କରି ରହୁଥିଲେ। ପୁରୁଣା ଆମ୍ବାସାଡ଼ର କାର୍ କିଣିଥିଲେ ୨୫ ହଜାର ଟଙ୍କା ଦେଇ ଯାହା ମନ୍ତ୍ରୀ ଥିଲାବେଳେ। ଟି.ଏ.ରୁ ସମୁଦାୟ ଟଙ୍କା ଶୁଝିପାରି ନଥିଲେ। ସରକାର ଗଲା ପରେ ଭଡ଼ାରେ ଚଳାଇ ପେଟ ପୋଷିବା ପାଇଁ ତାହା ଏକମାତ୍ର ସମ୍ବଳ ଥିଲା। ଶେଷରେ ତାକୁ ବି ବିକ୍ରି କରି କିଛିଦିନ ଚଳିଲେ। ଭଣ୍ଡାରୀପୋଖରୀ ବଜାରରେ ୭୨୨୭ ଗାଡ଼ି ନମ୍ବର ଭଡ଼ା ପାଇଁ ଠିଆ ହୋଇଥିବା ବେଳେ ମୁଁ ଦେଖିଲେ ଛାତି ଫାଟିଯାଏ। ଏତେଦିନର ରାଜନୈତିକ ଜୀବନରେ ଗୋଟିଏ ପୁଅକୁ ବି ଚାକିରୀ ଖଣ୍ଡିଏ ଦେଇପାରିଲେ ନାହିଁ ବା ବେପାର କରିବା ପାଇଁ ଗୋଟିଏ ଟଙ୍କା ମଧ୍ୟ ଯୋଗାଇ ପାରିଲେ ନାହିଁ। ସତରେ ମଝି ଦରିଆରେ ଭସାଇ ପିଲାଗୁଡ଼ିକୁ ଛାଡ଼ି ଚାଲିଗଲେ। ସାରା ଜୀବନ ନିଜେ ଜଳି ଅନ୍ୟକୁ ଆଲୋକ ଦେବାରେ ଅଭ୍ୟସ୍ତ ଲୋକଟା। କ୍ଷମତା ପାଇଲାମାତ୍ରେ କିଛି ଚକ୍ରାନ୍ତକାରୀ ଗୋଷ୍ଠୀଙ୍କ ଶିକାର ହୋଇଯାଆନ୍ତି। କ୍ଷମତା ଚାଲିଗଲା ପରେ ଯେଉଁ ଏକାକୁ ସେହି ଏକୁଟିଆ। ପୁଣି କ୍ଷମତାକୁ ଆସେ, ପୁଣି ସେଇମାନେ ଆସନ୍ତି। ପୁଣି କ୍ଷମତା ଯାଏ, ସେମାନେ ଦୂରେଇ ଯାଆନ୍ତି। ଗଲାଦିନର ଅଭିଜ୍ଞତାରୁ କିଛି ଶିକ୍ଷା ପାଇଲା ପରି ମନେହେଉ ନ ଥିଲା। "ବାୟା ଚଢେଇର କି ଯାଏ, ବାଆ ହେଲେ ବସା ଦୋହଲୁଥାଏ" ପରି ସେ ନିର୍ବିକାର ବୈରାଗୀଟିଏ ଥିଲେ। ତାଙ୍କର ବଡ଼ପୁଅ ଅମୂଲ୍ୟ ଭାଇ ଦିନେ କହିଥିଲେ, ଭଗବାନଙ୍କୁ ଡ଼ାକୁଛି ମୋର ପିତା ଆଉ ପୁନର୍ଜନ୍ମ ଲାଭ ନ କରନ୍ତୁ। ଯଦି ବା ପୁଣି ଜନ୍ମ ନିଅନ୍ତି, ତେବେ ଏହିଭଳି ବରଡ଼ା ଛତା ଧରି ବୈରାଗୀ ହୁଅନ୍ତୁ। ସଂସାର ନ କରନ୍ତୁ। ମଣିଷ ତ ଭୁଲ୍ କରେ। ସତେ ଯେମିତି ଭୁଲ୍ କରିବାକୁ ମଣିଷ ଜନ୍ମ ହୁଏ। ମଣିଷ କ'ଣ? ଦେବତା ବି ମଣିଷ ଦେହ ଧରି ଜନ୍ମ ହେଲେ ଭୁଲ୍ କରନ୍ତି। ଅବଶ୍ୟ ସମାଜକୁ ସେଥିରୁ କିଛି ଶିକ୍ଷା ମିଳେ। ସେ ଗଲେ ମୁଁ ବି ଯିବି, କିନ୍ତୁ ବୈରାଗୀ ଜେନାଙ୍କ ସାଧାରଣ, ପାରିବାରିକ ଓ ରାଜନୈତିକ ଜୀବନରୁ ବହୁତ ଆଦର୍ଶ ଶିକ୍ଷା ଲାଭ କରିବାର ଓ ସାବଧାନ ହେବାର ଆବଶ୍ୟକତା ରହିଛି ବୋଲି ମୁଁ ଅନୁଭବ କରୁଛି।

*-ପୂର୍ବତନ ରାଜ୍ୟ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭାପତି ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଜାତୀୟସ୍ତରର ମାନ୍ୟତାପ୍ରାପ୍ତ ସାମ୍ବାଦିକ "ଇଣ୍ଡିଆନ୍ ନ୍ୟୁଜ୍ ମୁମ୍ବାଇ", ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨*
*ମୋ : ୭୮୪୮୮୯୮୪୫୬*

# ସକଳ ତୀର୍ଥ ତୋ ଚରଣେ...



ଇସଲାମର ପାଂଚଗୋଟି ମୌଳିକ ନୀତି ମଧ୍ୟରୁ ହଜ ଅନ୍ୟତମ। ହଜ୍ ଏକ ସୁସ୍ଥ ପରମ୍ପରା, ନିର୍ମଳ ଓ ଶୁଦ୍ଧପୁତ ଉପାସନା। ହଜ କରିବା ପାଇଁ ସୁସ୍ଥବାନ ହେବା, କୌଣସି ଭୟର ଶଂକା ନରହିବା, ଯାତ୍ରାରେ କୌଣସି ବାଧାବିଘ୍ନ ନ ଉପୁଜିବା ତଥା ପରିବାରବର୍ଗଙ୍କ ପ୍ରତି ଥିବା ଦାୟିତ୍ୱ ଓ କର୍ତବ୍ୟକୁ ପୂରଣ କରି ହଜ କରି ଯିବା ଉଚିତ୍। ପବିତ୍ର କୋରାନ ଅନୁସାରେ ମକ୍କା ସହରର କାବା ଉପାସନ ଗୃହ ଅଲ୍ଲାଃଙ୍କ ପାଇଁ ପୃଥିବୀପୃଷ୍ଠର ସର୍ବପ୍ରଥମ ଉପାସନା ଗୃହ ନିର୍ମିତ ହୋଇଥିଲା। ଏହା ପୁରାଣବର୍ଣ୍ଣିତ ଆଦ୍ୟ



ଅବତାର 'ଆଦିତି' ବା ଆଦମଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା ଏବଂ ତାଙ୍କ ବଂଶଧରମାନେ ଏହାକୁ ଏକ ଉପାସନା କେନ୍ଦ୍ର ଭାବରେ ବ୍ୟବହାର କରିଥିଲେ। ପରେ ପ୍ରାୟ ୪୦୦୦ ବର୍ଷ ପୂର୍ବେ ହଜରତ ଇବ୍ରାହମ ନିଜ ପୁତ୍ର ଇସମାଇଲଙ୍କ ସହାୟତାରେ ଏହି ଗୃହର ଧ୍ୱଂସାବଶେଷର ପୁନଃନିର୍ମାଣ କରିଥିଲେ। ଷଷ୍ଠ ଶତାବ୍ଦୀରେ ହଜରତ ପୈଗମ୍ବର ମୁହମ୍ମଦ ସଲ୍ଲମ ସମୟ କାଳରେ ଅଲ୍ଲାଃଙ୍କ ନିର୍ଦ୍ଦେଶକ୍ରମେ ପୁନର୍ବାର ଏହାକୁ ଉଦ୍ଧାର କରି ଏକେଶ୍ୱରବାଦର ଉପାସନା କରାଯାଇଥିଲା। ଆଦିମ ମାନବ ଜାତିର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ସମୂହକୁ ପୁନଶ୍ଚ ଏକତା ଓ ବିଶ୍ୱ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ କରିଥିଲେ। ହଜରତ ମୁହମ୍ମଦ ସଲ୍ଲମଙ୍କ ପରେ କାଳକ୍ରମେ ଇସଲାମର ଖଲିଫାଗଣ ଏବଂ ତାଙ୍କ ପରେ ମୁସଲମାନ ଶାସକମାନଙ୍କ ସେବା ଓ ଶାସନ ଦ୍ୱାରା ମକ୍କା ଏକ ସୁନ୍ଦର ଓ ଖୁବ ମନୋରମ ସହର ଭଳି ଗଢି ଉଠିଥିଲା।

ପବିତ୍ର କୋରାନ ଶିକ୍ଷା ଅନୁଯାୟୀ ହଜ୍ କରିବା କେବଳ ମୁସଲମାନମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରାଯାଇନାହିଁ। ବରଂ ଯେକେହି ବ୍ୟକ୍ତି, ସେ ଯେକୌଣସି ଧର୍ମାବଲମ୍ବୀ ହୋଇଥାଉ ନା କାହିଁକି, ସେହି ପୂଣ୍ୟପୀଠରେ ଦର୍ଶନ କରିବାକୁ ଇଚ୍ଛା କଲେ ସେ ସେଠାକୁ ଯିବାପାଇଁ ଅନୁମତି ପାଇପାରିବ। ଇସଲାମ ସାର୍ବଜନୀନ ଧର୍ମ ଏବଂ ହଜ ମଧ୍ୟ ସାର୍ବଜନୀନ ଉପାସନା। ଏହା କୌଣସି ଜାତି, ଧର୍ମର ଭେଦଭାବ ରଖେନାହିଁ। ପୂର୍ବରୁ ଇହୁଦି ଓ ଜୋରାଷ୍ଟ୍ରିୟାନ ଆଦି ଧର୍ମାବଲମ୍ବୀ ସେଠାକୁ ଯାଇ ହଜ କରୁଥିଲେ। ପବିତ୍ର କୋରାନ କୁହେ, "ସର୍ବ ପ୍ରଥମ ଗୃହ, ଯାହା ସମସ୍ତଙ୍କ



ଲାଭ ପାଇଁ ନିର୍ମାଣ କରାଯାଇଛି, ତାହା ମକ୍କାରେ ଅବସ୍ଥିତ। ଏହି ଗୃହ ସମଗ୍ର ଜଗତ ପାଇଁ କଲ୍ୟାଣଦାୟକ ସ୍ଥାନ ଓ ସତ୍‌ପଥର ଉତ୍ସ। ଯେ କେହି ଏଥିରେ ପ୍ରବେଶ କରେ ସେ ସୁରକ୍ଷିତ ହୋଇଯାଏ। ଅଲ୍ଲାଃ ସେମାନଙ୍କ ପାଇଁ ଏହି ଗୃହକୁ ହଜ ଯାତ୍ରାରେ ଆସିବା ବିଧେୟ କରିଛନ୍ତି।"

ଏହି ଉପାସନା ଗୃହ କାବାକୁ ଆରବୀ ଭାଷାରେ 'ବୈତୁଲ୍ଲାଃ' ବା ଅଲ୍ଲାଃଙ୍କ ଘର କୁହନ୍ତି। ଏହାର ଗଠନ ଶୈଳୀ ଅତି ସାଧାରଣ। ଚାରିକୋଣିଆ ବର୍ଗାକାର ପଥର ଘରଟିଏ। ଉଚ୍ଚତା ୧୫.୨୫ ମିଟର। ଏହି ଶାଶ୍ୱତ ବାଣୀ ମାଧ୍ୟମରେ ଅଲ୍ଲାଃ ଘୋଷଣା କରିଛନ୍ତି, ସାର୍ବଜନୀନ ଭାବେ ଯେ କେହି ଏହି ବୈତୁଲ୍ଲାଃର ଦର୍ଶନ ଲାଭ କରିବାକୁ ଆସିବ, ସେ ଶାନ୍ତି ଓ ନିରାପତ୍ତା ବଳୟ ମଧ୍ୟରେ ଆସିଯିବ। ମନରେ ଆତ୍ମଗ୍ଲାନୀ ବା ପୂର୍ବକୃତ ପାପର ଅନୁଶୋଚନା ରହିବ ନାହିଁ। ଯେ କେହି ବି ସେହି ପୀଠର ପରିକ୍ରମା କରିବ, ସେ ଦିବ୍ୟଶକ୍ତି ପ୍ରାପ୍ତ ହେବ। ଏହି ମହିମା ପୀଠ ମକ୍କା ସହରକୁ ଉମ୍ମୁଲ୍ କୁରା ଅର୍ଥାତ୍ ସହରର ମାଁ କୁହାଯାଏ। ଏହା ପୃଥିବୀର ଏପରି ଏକ ପବିତ୍ର ସ୍ଥାନ, ଯେଉଁଠାରେ ଅହର୍ନିଶୀ ଚବିଶ ଘଂଟା ଉପାସନା କରାଯାଉଛି। ପୃଥିବୀପୃଷ୍ଠରେ ଅସଂଖ୍ୟ ପୁରାତନ କୀର୍ତି ଓ ସହର ନିଶ୍ଚିହ୍ନ ହୋଇଯାଇଥିଲେ ମଧ୍ୟ କାବା ଓ ମକ୍କା ସହର ଅଦ୍ୟାବଧି ସେହିପରି ବିଦ୍ୟମାନ ଥାଇ ନିଜ ନିରାପତ୍ତାର ଘୋଷଣା କରୁଛି।

ଇସଲାମୀୟ ଦର୍ଶନ ଅନୁଯାୟୀ ମସଜିଦରେ ଅନ୍ୟ ଯେକୌଣସି ଧର୍ମାବଲମ୍ବୀ ଲୋକେ ନିଜ ପଦ୍ଧତିରେ ଉପାସନା କରିପାରିବେ। କାରଣ ଦିବ୍ୟ ଅବତାର ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ମଦିନାର ଏକ ମସଜିଦରେ ଇହୁଦିଙ୍କୁ ଉପାସନା କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଏହି କାରଣରୁ ପରମେଶ୍ୱର ଧର୍ମ



ସଂକୀର୍ଣ୍ଣତାକୁ ପରିହାର କରି ସମଗ୍ର ମାନବ ଜାତି ପାଇଁ ହଜ ଯାତ୍ରାକୁ ସାଧାରଣ କରିଦେଇଛନ୍ତି। ପବିତ୍ର କୋରାନରେ 'ସକଳ ମାନବ' କହି ସବୁ ଲୋକଙ୍କ ପାଇଁ ସେ ଉପାସନା ଗୃହ ଉନ୍ମୁକ୍ତ ବୋଲି କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ କି ଯେ, ସାମ୍ପ୍ରଦାୟିକତା ଓ ମୌଳବାଦକୁ ସମାପ୍ତ କରି ପବିତ୍ର କୋରାନ ଶିକ୍ଷା ଦୃଷ୍ଟିରୁ କାବାର କଲ୍ୟାଣ, ହଜ୍‌ର ଉଦ୍ଦେଶ୍ୟ ତଥା ମହତ୍ୱକୁ ଜନସାଧାରଣଙ୍କ ହିତ ପାଇଁ ପ୍ରଚଳନ କରିବା ଉଚିତ। ଅଯଥା କଟକଣା ଲାଗୁ କରିବା ଏବଂ ହଜ୍ ପରି ମହାପୂଣ୍ୟ କାର୍ଯ୍ୟରେ ପ୍ରତିବନ୍ଧ ସୃଷ୍ଟି କଲେ ମାନବିକତା କ୍ଷୁର୍ଣ୍ଣ ହେବ। ସେ ଗୃହର ପ୍ରାଣକେନ୍ଦ୍ର ସମଗ୍ର ଜୀବଜଗତ ପାଇଁ ଚରମୋନ୍ନତିର ମାର୍ଗସ୍ଥଳୀ - ଈଶ୍ୱରଙ୍କ କରୁଣାର ଉତ୍ସ। ହଜ୍‌ର ମହାନ ପରମ୍ପରା ନିଶ୍ଚିତ ଭ୍ରାତୃତ୍ୱର ବନ୍ଧନରେ ବିଶ୍ୱକୁ ପରିବେଷ୍ଟନ କରି 'ବସୁଧୈବ କୁଟୁମ୍ବକମ'ର ଭାବ ଉଦ୍ରେକ କରିବାରେ ସହାୟକ ହେବ। ମଦିନାବାସୀଙ୍କ ଉଦ୍ଦେଶ୍ୟରେ ଆମ୍ଭମାନଙ୍କର 'ସଲାମ'ର ବାର୍ତା ବହନ କରି ଯାଇଥିବା ହାଜୀମାନଙ୍କୁ ସେଠାରୁ ସର୍ବକୁଶଳରେ ନିରାପଦ ସହ ଫେରାଇ ଆଣନ୍ତୁ। ସେମାନଙ୍କ ଯାତ୍ରା ମଙ୍ଗଳମୟ ହେଉ। ଏହା ହିଁ ଆମର ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା।

**ମୌଲାନା ଫଜଲ ହକ ଖାଁ**
*ଭୁବନେଶ୍ୱର, ମୋ: ୯୬୯୨୨୨୫୦୫୭*

## ୟୁଥ ସ୍ପୋର୍ଟସ ଆଥଲେଟିକ ଓ ଖୋଖୋ ଏକାଡେମୀର ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କେନ୍ଦ୍ରାପଡ଼ା (ପିଏନ୍): ୟୁଥ ସ୍ପୋର୍ଟସ ଆଥଲେଟିକ ଓ ଖୋଖୋ ଏକାଡେମୀ ଦ୍ୱାରା କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଗତ ମାସ ୭ତାରିଖରୁ ଆରମ୍ଭ ହୋଇଥିବା ୧୦ ଦିନିଆ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ୮୬ଜଣ ଶିକ୍ଷାର୍ଥୀ ଯୋଗଦେଇ ପ୍ରଶିକ୍ଷକଙ୍କଠାରୁ ତାଲିମ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ନଗରପାଳ ସରିତା ସାହୁ ଯୋଗଦେଇ କୃତି କ୍ରୀଡାବିତ୍‌ମାନଙ୍କୁ ପୁରସ୍କୃତ କରିଥିଲେ। କେନ୍ଦ୍ରାପଡାର ପିଲାମାନଙ୍କ ଭିତରେ ବିଭିନ୍ନ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ନୂତନ ଯୁବ କ୍ରୀଡାବିତଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ଭବିଷ୍ୟତରେ ଜଣେ ଜଣେ ସଫଳ କ୍ରୀଡାବିତ ସୃଷ୍ଟି କରିବା ଏହି ପ୍ରଶିକ୍ଷଣର ଲକ୍ଷ୍ୟ ବୋଲି କୋଚ ସୌକତ ଖାନ କହିଥିଲେ। ସମ୍ମାନୀତ ଅତିଥି ଭାବେ କାଉନସିଲର ସେକ ଅସଲମ ଯୋଗଦେଇଥିଲେ। କୋଚ ସସ୍ମିତା ପଣ୍ଡା, ମନୋଜ ସାହୁ, ଜ୍ୟୋତିର୍ମୟ ଦାସ, ସେକ ଆବାସ, ବଦ୍ରୀନାରାୟଣ ପତି ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ କୋଚ ସେକ ସୌକତ ଖାନ୍ ପ୍ରଶିକ୍ଷାର୍ଥୀମାନଙ୍କୁ କ୍ରୀଡାର ଭିନ୍ନ ଭିନ୍ନ କୌଶଳ ଓ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ବୁଦ୍ଧିଜୀବୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୌକତ ଖାନ ପରିଚାଳନା କରିଥିଲେ।

## ୫ଟି ସେବା ସମବାୟ ସମିତିର ୧୯ ଗୋଟି ଡାଇରେକ୍ଟର ପଦ ପାଇଁ ନିର୍ବାଚନ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ୫ଗୋଟି ସେବା ସମବାୟ ସମିତିର ୧୯ ଗୋଟି ଡାଇରେକ୍ଟର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ଅଭୟପୁର, ଗଡମଧୁପୁର, ମହିଶରା ସମବାୟ ସମିତିର ଡାଇରେକ୍ଟରମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଦେଓଦା ସମବାୟ ସମିତିର ୪ଟି, ଜେନାପୁର ୧ଟି, ରେଖିଦେଇପୁର ୧ଟି, କଂଟିଗଡିଆ ୫ଟି ଓ ଅରେଇକଣା ସମବାୟ ସମିତିର ୮ ଗୋଟି ଡାଇରେକ୍ଟର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଦେଓଦା ସମବାୟ ସମିତିର ଜୋନ ୨ରେ ସୁରେଶ ଚନ୍ଦ୍ର ନାୟକ, ଜୋନ-୫ରେ ଗୟାଧର ସେଠୀ, ଜୋନ-୬ରେ ନିତ୍ୟାନନ୍ଦ ମହାନ୍ତି, ଜୋନ-୧୪ରେ ଯୋଗେନ୍ଦ୍ର ମଲିକ ନିର୍ବାଚିତ ହୋଇଛନ୍ତି। ସେହିପରି ଜେନାପୁର ସମିତିର ୧୧ନଂ ଜୋନରେ ମାନସ ସାମଲ, ରେଖିଦେଇପୁର ସମିତିର ୮ନଂ ଜୋନରେ ଅମୁଲ୍ୟ ରାଉତ ନିର୍ବାଚିତ ହୋଇଛନ୍ତି। କଂଟିଗଡିଆ ସମବାୟ ସମିତିର ଜୋନ ନଂ ୧ରେ ସୁଭେନ୍ଦୁ ରାଉତ, ଜୋନ-୨ରେ ପୁର୍ଣ୍ଣଚନ୍ଦ୍ର ଜେନା, ଜୋନ-୬ରେ ଅନିରୁଦ୍ଧ ସ୍ୱାଇଁ, ଜୋନ-୭ରେ ଚନ୍ଦ୍ରକଳା ମହାପାତ୍ର, ଜୋନ ନଂ ୧୩ରେ ସରୋଜ କୁମାର ସାହୁ ପ୍ରମୁଖ ଡାଇରେକ୍ଟର ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ-ମାନେ ଘୋଷଣା କରିଛନ୍ତି।

## କୋଣାର୍କ ସେବା ସଙ୍ଗଠନ ପକ୍ଷରୁ ୭୩ତମ ବନମହୋତ୍ସବ ପାଳିତ



କୋଣାର୍କ (ପିଏନ୍): ଜୁଲାଇ ମାସର ୧ ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳିତ ହେଉଛି ୭୩ତମ ସପ୍ତଦିବସୀୟ ବନମହୋତ୍ସବ। ଏହି ଅବସରରେ କୋଣାର୍କର ସ୍ୱେଚ୍ଛାସେବୀ ସଙ୍ଗଠନ 'ସେବା ସଙ୍ଗଠନ' ପକ୍ଷରୁ ଗତ ଗୁରୁବାର ପୂର୍ବାହ୍ନ ୮ଟା ସମୟରେ କୋଣାର୍କ ସ୍ଥିତ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୃକ୍ଷରୋପଣ କାର୍ଯ୍ୟକୁ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଓ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ସହଯୋଗ କରିଥିଲେ। 'ସେବା ସଙ୍ଗଠନ'ର ସମ୍ପାଦକ କୁନାଲ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ବିଦୁଲତା ଶତପଥି, କୋଣାର୍କ ଭଗବତୀ ମହାବିଦ୍ୟାଳୟର ପୂରାତନ ଛାତ୍ରସଙ୍ଘର ସଭାପତି ହୃଦାନନ୍ଦ ସେଠୀ, ଯୁବନେତା ଗୋପିନାଥ ସ୍ୱାଇଁ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳର କର୍ମଚାରୀଙ୍କ ସମେତ ସେବା ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇ ଶିକ୍ଷାଶ୍ରମ ପରିସରରେ ବର, ଅଶ୍ୱତ୍‌ଥ, ଫାଶି, ବାଲିଶିଶୁ, ଲିମ୍ବ, ରକ୍ତଚନ୍ଦନ, କଦମ୍ବ, କୃଷ୍ଣଚୁଡା, ପେସ୍ତା, ରାଧାଚୁଡା ଓ ଗଙ୍ଗଶିଉଳି ଇତ୍ୟାଦି ଛାୟାପ୍ରଦାୟୀ ଦୀର୍ଘଜୀବୀ ବୃକ୍ଷ ରୋପଣ କରିଥିଲେ। ବୃକ୍ଷ ବଞ୍ଚିଲେ ଏ ଜୀବଜଗତ ବଞ୍ଚିରହିବା ସହିତ ଗ୍ଲୋବାଲ ୱାର୍ମିଂ ଓ ବିଭିନ୍ନ ପ୍ରକାର ପ୍ରାକୃତିକ ବିପତ୍ତିରୁ ରକ୍ଷାପାଇପାରିବେ ବୋଲି ଅତିଥିମାନେ ବୃକ୍ଷରୋପଣ ସମୟରେ ମତପୋଷଣ କରିଥିଲେ। ବର୍ଷାଋତୁ ସମୟରେ ସେବା ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇ ସବୁଜ ବଳୟ ସୃଷ୍ଟି କରିବା ଉଦ୍ୟମକୁ ପରିବେଶବିତ୍‌ମାନେ ସ୍ୱାଗତ କରିଛନ୍ତି।

## ଗାୟକ ବସନ୍ତ ରାଉତଙ୍କ ୬୬ତମ ଜୟନ୍ତୀ ଉତ୍ସବ



କୋଣାର୍କ (ପିଏନ୍): 'ପାଲା' କୌଣସି ଏକ ଶସ୍ତା ମନୋରଂଜନ ନୁହେଁ। ଓଡିଶାର ପରମ୍ପରା, ସଂସ୍କୃତି, ଭାଷା, ସାହିତ୍ୟ, ସଂଗୀତ ଓ ଆଧ୍ୟାତ୍ମିକ ଚିନ୍ତାଚେତନାର ପ୍ରଚାର ପ୍ରସାର କରୁଥିବା 'ପାଲା' ମର୍ଯ୍ୟାଦାସଂପନ୍ନ ମନୋରଂଜନ ମାଧ୍ୟମରେ ମଣିଷ ସମାଜକୁ ନୈତିକ ମୂଲ୍ୟବୋଧର ପାଠ ପଢାଇଥାଏ। ଦେବଭାଷା ସଂସ୍କୃତରେ ରଚିତ ଭାରତୀୟ ବାଙ୍ମୟର ଭଣ୍ଡାରକୁ ମାତୃଭାଷାରେ ତର୍ଜମା କରି ରସସିକ୍ତ ମନୋରଂଜନ ମାଧ୍ୟମରେ ପରିବେଷଣ କରିବାର କଳା ପାଲା ଗାୟକମାନଙ୍କୁ ସମାଜରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ବୋଲି ଗତ ବୁଧବାର ସ୍ଥାନୀୟ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଅର୍କମଣ୍ଡଳ ପାଲା ଗାୟକ ପରିଷଦ ପକ୍ଷରୁ ଗାୟକ ଆନନ୍ଦ ବସନ୍ତ କୁମାର ରାଉତଙ୍କ ୬୬ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ବିଶିଷ୍ଟ ବିଦ୍ୱାନମାନେ ମତବ୍ୟକ୍ତ କରିଛନ୍ତି। ଅଖଣ୍ଡ ପୁରୀ ଜିଲ୍ଲା ପାଲା ଗାୟକ ପରିଷଦର ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ପାଲା ଗାୟକ ପରିଷଦର ସଭାପତି ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା, ଉପସଭାପତି ବିନାୟକ ରଥ, ନିର୍ଦ୍ଦେଶକ ଅମୀୟ କୁମାର ପଟ୍ଟନାୟକ, ଗାୟକ ସାରସ ସୁଦର୍ଶନ ମହାପାତ୍ର, ଗାୟକ ଅରୁଣ ଚକ୍ରଧର ବାରିକ, ଗାୟକ ବାଚସ୍ପତି ବନବିହାରୀ ଗ୍ରହାଚାର୍ଯ୍ୟ, କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ ରାଉତ, ଗାୟକ ଲଳିତ ଉପେନ୍ଦ୍ର ବେହେରା, ଗାୟକ ଚନ୍ଦନ ଉପେନ୍ଦ୍ର ସ୍ୱାଇଁ, ଗାୟକ ଅତିବଡି ମଙ୍ଗରାଜ ବିଶ୍ୱାଳ, ଜୟଚନ୍ଦ୍ର ବଡଦଳେଇ, ବଂଶୀଧର ଦାଶ, ତ୍ରିଲୋଚନ ନାୟକ, ବାଉରିବନ୍ଧୁ ସାହୁ, ସୁବଳ ବେହେରା, ପ୍ରଦ୍ୟୁମ୍ନ ପାତ୍ର, ଦଣ୍ଡପାଣି ବାରିକ, ଅର୍ଜ୍ଜୁନ ସାମନ୍ତରା ଓ ବସନ୍ତ ମଙ୍ଗରାଜ ଏକାଧାରରେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ, ପାଲାଗାୟକ ଓ ସଂଗଠକରୂପେ ପରିଚିତ ଗାୟକ ଆନନ୍ଦ ବସନ୍ତ ରାଉତଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିବା ସହିତ ତାଙ୍କର ନିରାମୟ ଦୀର୍ଘଜୀବନ କାମନା କରିଥିଲେ। ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ ପାଲାକାରମାନଙ୍କୁ ସମସ୍ତ ପ୍ରକାର ନିଶାସେବନଠାରୁ ଦୂରରେ ରହି ଆଚରଣସିଦ୍ଧ ସଚ୍ଚରିତ୍ରବାନ ବ୍ୟକ୍ତିତ୍ୱରୂପେ ନିଜ ନିଜକୁ ଜନମାନସରେ ଉପସ୍ଥାପିତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପାଲା ସଂସ୍କୃତିର ଅବକ୍ଷୟକୁ ନେଇ ବିଦ୍ୱାନମାନେ ଚିନ୍ତାବ୍ୟକ୍ତ କରିବା ସହିତ ଏହାର ହୃତ୍‌ଗୌରବକୁ ପୁନଃସ୍ଥାପିତ କରିବା ନିମନ୍ତେ ପାଲାକାରଙ୍କ ନୀତିନିଷ୍ଠ ଉଦ୍ୟମ ସଂପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଣାର୍କ ଅଂଚଳର ଶତାଧିକ ଶିକ୍ଷକ, ସାହିତ୍ୟିକ ଓ ପାଲାପ୍ରେମୀ ଯୋଗ ଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୧୭**

# ଆଜିର କାମ ଏବେ



ଯଶସ୍ୱିନୀ ପଟ୍ଟନାୟକ

ନୀତିଶାସ୍ତ୍ର ଓ ଆଧ୍ୟାତ୍ମିକ ଚେତନାରେ ଆମେ ସବୁବେଳେ ଶିକ୍ଷା ପାଇଥାଉ ଯେ ଆଜିର କାମ ଏବେ। ବର୍ତ୍ତମାନରୁ ଆରମ୍ଭ ହେଉ ଆମ ଆସନ୍ତା ସମୟର ପ୍ରସ୍ତୁତି। ସଫଳତା ପାଇବାକୁ ହେଲେ କର୍ତ୍ତବ୍ୟନିଷ୍ଠ ଓ ପରିଶ୍ରମୀ ହେବା ଦରକାର। ଏଥିପାଇଁ ତ କୁହାଯାଏ କାଲି କାମକୁ ଆଜି କର ଓ ଆଜିର କାମକୁ ଏବେ। ଛାତ୍ର ଜୀବନରୁ ହିଁ ଏହି ନୀତିବାଣୀକୁ କାମରେ ଲଗାଇ ପାରିଲେ ଭବିଷ୍ୟତରେ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ହେବା ସହିତ ସଫଳତାର ଶୀର୍ଷରେ ପହଞ୍ଚିପାରିବ।ଜୀବନକୁ ସହଜ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ପିଲାମାନଙ୍କୁ ଛୋଟବେଳରୁ ବହୁ ନୀତିଶିକ୍ଷା ଦିଆଯାଇଥାଏ। କିଛି ପଢ଼ା ବହି ମାଧ୍ୟମରେ ତ ଆଉ କିଛି ନୀତିଶିକ୍ଷା ଗୁରୁଜନମାନେ ହିଁ ପିଲାଙ୍କୁ ଶିଖାଇଥାନ୍ତି। ତେବେ ସେସବୁ ନୀତିଶିକ୍ଷାକୁ ନିଜ ଜୀବନରେ ଆପଣାଇ ପାରିଲେ ଭବିଷ୍ୟତରେ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ହୋଇପାରିବ। ଛାତ୍ରଜୀବନରୁ ହିଁ ପିଲାକୁ ସଫଳତାର ଅନେକ ମାର୍ଗ ଦର୍ଶାଯାଇଛି। ଏହି ଅନୁସାରେ ପିଲାଙ୍କୁ ସଫଳ ହେବାକୁ ହେଲେ ପରିଶ୍ରମୀ ହେବା ନିହାତି ଆବଶ୍ୟକ। ସେଥିପାଇଁ ତ କୁହାଯାଏ କାଲିର ସବୁ କାମକୁ ଆଜି ହିଁ କରିଦେବା ଦରକାର, ଆଉ ଆଜିର ପ୍ରତିଟି କାମକୁ ଏହି ମୁହୂର୍ତ୍ତରେ ତୁରନ୍ତ ଆରମ୍ଭ କରନ୍ତୁ। ଠିକ ସମୟରେ ନିଜ କାମ ସବୁ ଶେଷ କରିପାରିଲେ ହିଁ ଭବିଷ୍ୟତରେ କୌଣସି ପ୍ରକାର ସମସ୍ୟା ରହି ନଥାଏ।ବେଳେବେଳେ ପିଲାମାନେ ନିଜର କାମକୁ ଖୁବ କମ ବା ଛୋଟ ମନେକରି ଯେକୌଣସି ସମୟରେ ଶେଷ କରିପାରିବେ ବୋଲି ଭାବି ଦେଇଥାନ୍ତି। ଏହି ଦୃଷ୍ଟିରୁ ସେମାନେ ଅବହେଳାର ସମୟ ବିତାଇ ଦିଅନ୍ତି। ଫଳସ୍ୱରୂପ ଠିକ ଆବଶ୍ୟକ ବେଳକୁ କାମ ଆରମ୍ଭ କରନ୍ତି। ଏମିତି ଅନେକଙ୍କର ଅନୁଭୂତି ରହିଥିବ କି ସ୍କୁଲ ଯିବା ପୂର୍ବରୁ ହିଁ କିଛି ହୋମୱାର୍କ ବାକି ରହି ଯାଇଥିବା ମନେ ପଡ଼ିଯିବ ଅଥଚ କୌଣସି କାମ ରହି ଯାଇଥିବ, ଯାହା ସେମାନଙ୍କୁ କରିବାର ଥିଲା। ଆଉ ସେହିସବୁ କାମ ଏଭଳି ସମୟରେ ମନେପଡ଼ିବ ଯେ ପୁଣିଥରେ ସେମାନେ ପରେ କରିପାରିବେ ଭାବି ଛାଡ଼ି ଦେଇ ଚାଲିଯାଆନ୍ତି। ଏଭଳି ଭାବନା ଯୋଗୁଁ କାମ ମଧ୍ୟ ଧୀରେ ଧୀରେ ଅଧିକ ହୋଇ ବୋଝ ପାଲଟିଯାଏ। ତେଣୁ ହଠାତ୍ ସେସବୁକୁ କରି ହୁଏନି। ଏହି ଅଭ୍ୟାସ ଯୋଗୁ ହିଁ ପିଲାମାନେ ପାଠରେ ହେଉ ଅବା ଅନ୍ୟ ଯେକୌଣସି କାମରେ ପଛୁଆ ହୋଇ ରହିଯାଆନ୍ତି।ପାଠ ହେଉ ଅବା ଅନ୍ୟକୌଣସି କାମକୁ ସଙ୍ଗେ ସଙ୍ଗେ କରିବା ବଦଳରେ ଅନେକେ ପରେ କରିବେ ଭାବି ରହିଯାଆନ୍ତି। ଅଳସୁଆ ଗୁଣ ଯୋଗୁଁ ପିଲାମାନେ ଏପରି ଭାବି ସବୁ କାମରେ ପଛୁଆ ରହିଯାନ୍ତି। ଫଳରେ ଏମିତି ଦିନେ ସମୟ ଆସେ ଯେ କାମରେ ସେ ବିଫଳ ହୋଇଥାନ୍ତି। ସଫଳତାର ସବୁ ମାର୍ଗ ଧୀରେ ଧୀରେ ବନ୍ଦ ହେବାକୁ ଲାଗେ। ତେଣୁ ପିଲାମାନେ ପରିଶ୍ରମୀ ହେଲେ ସବୁ କାମରେ ସଫଳତା ହାସଲ କରିପାରିବେ।

# ବୁଦ୍ଧି

ଏହି ଦୁଇ ଅକ୍ଷର ପାଇଁ ଛାତ୍ରଛାତ୍ରୀଙ୍କର ବାପ ମାଆ ଏ ସମୟରେ ଆଧୁନିକ ବିଦ୍ୟାଳୟରେ ପାଠପଢ଼ା ଜାହିର ରଖିଛନ୍ତି। ପୂର୍ବେ ଭାରତୀୟ ବିଦ୍ୟାମାନଙ୍କରେ ଶିକ୍ଷା ପାରମ୍ପରିକ ଭାବରେ ଦିଆଯାଉଥିଲା। ଓଡ଼ିଶାରେ ଅନେକ ସ୍ଥାନୀୟ ଗଡ଼ଜାତ ଓ ଜମିଦାରୀରେ ପାରମ୍ପରିକ ଶିକ୍ଷା ଏମିତି ଚାଲିଥିଲା। ୟୁରୋପିଆନ ଶିକ୍ଷା ଆମ ଦେଶରେ ଆସ୍ତେ ଆସ୍ତେ ପଶିଲା। ପ୍ରଥମେ ଲୋକେ ଖ୍ରୀଷ୍ଟିଆନ ଧର୍ମର ଚେଷ୍ଟାକୁ ଏକ ଭିନ୍ନ ଚକ୍ଷୁରେ ଦେଖୁଥିଲେ ପରେ ଏ ଶିକ୍ଷାପ୍ରତି ଧନୀ ଲୋକମାନେ ଆକୃଷ୍ଟ ହୋଇ ପିଲାଙ୍କୁ ଏଥିରେ ପଢ଼ାଇଲେ। ଏସବୁ ବିଦ୍ୟା ବହୁ ବୁଦ୍ଧି କୁଆଡ଼େ ମୁଣ୍ଡରେ ଖୁନ୍ଦି ଦିଏ। ଅନେକ ବଡ଼ ବନ ମାଲଦାର ଧନୀ, ବିଦେଶରେ ୟୁରୋପିଆନ ବିଦ୍ୟାଳୟରେ ପିଲାଙ୍କୁ ପଢ଼ାଇବା ବର୍ତ୍ତମାନ ପଢ଼ାଯିବା ବହୁ ଜୀବନ କାହାଣୀରୁ ମିଳୁଛି। ପଣ୍ଡିତ ନେହେରୁ ବ୍ରିଟିଶ ଦେଶର 'ହାରୋ'ରେ ପଢୁଥିଲେ। ବହୁ ଓକିଲ ବାରିଷ୍ଟର ବିଦେଶରେ ପାଠ ପଢ଼ିଥିଲେ, ଡାକ୍ତରୀ ବିଦ୍ୟାରେ ୟୁରୋପିଆନ ବିଶ୍ୱବିଦ୍ୟାଳୟରେ ଅନେକ ପଢୁଥିଲେ ଏବେ ବି ପଢୁଛନ୍ତି।
ଦିନଥିଲା ଆମ ଭାରତର ପ୍ରାଚୀନ ୟୁନିଭରସିଟି ନାଳନ୍ଦା ତକ୍ଷଶିଳା ପରି ଅନୁଷ୍ଠାନରେ ବିଦେଶୀ ଆସୁଥିଲେ। ବିଦ୍ୱାନ ହେବାକୁ ଅନେକ ପରିବ୍ରାଜକ ଏ ଦେଶକୁ ଆସି ଗୁରୁମୁଖୀ ବିଦ୍ୟା ଅନେକ ଶିଷ୍ୟ ଭାବରେ କରିଛନ୍ତି। ଆଲବେରୁଣୀ, ହୁଏନଂସା ପରି ଲୋକ ଏ ଦେଶପରିଭ୍ରମଣ କରି ବହୁ ବିଦ୍ୟା ଯାହା ଗୁରୁମୁଖୀ ଥିଲା ଶିକ୍ଷା କରିଛନ୍ତି। ବିଶ୍ୱ ବିଖ୍ୟାତ ହସ୍ତରେଖା ବିଶେଷଜ୍ଞ 'କେରୋ' କରଦର୍ଶନ ବିଦ୍ୟାର ବିଦ୍ୱାନ। ଭାରତ ବର୍ଷରେ ହିଁ ଏହି ବିଦ୍ୟା ଶିକ୍ଷା କରିଥିଲେ ବୋଲି ତାଙ୍କ ଲେଖାରେ ସ୍ୱୀକାର କରିଛନ୍ତି। ସଂସ୍କୃତ ଭାଷା ହିଁ ଭାରତୀ। ସେ ସବୁ ଭାଷା ସମ୍ବନ୍ଧିତ ଯାହା ଦୋଭାଷୀ ହେଲେ ଓ ଭାଷାକୁ ଠିକ ବାଖ୍ୟା ଅନ୍ୱୟ ଜାଣିଥିଲେ ଏହା ଖୋଜ କରିପାରିବେ। କଣାଦଙ୍କ ପରି ଜ୍ଞାନୀ ଏଇ ଦେଶରେ ଜନ୍ମ ଯେ କଣା ପରମାଣୁ ବିଦ୍ୟାର ମୂଳସୂତ୍ର ପ୍ରଦର୍ଶକ। ଅଷ୍ଟାଙ୍ଗ ଆର୍ୟୁବେଦର ଚରକ ସୁଶ୍ରୁତଙ୍କ ଦିବ୍ୟଶାସ୍ତ୍ରର ଜ୍ଞାନ ସୂର୍ଯ୍ୟ ପରି ଆଲୋକ ଚିକିତ୍ସା ବିଦ୍ୟାରେ ସେ କାଳରୁ ଦେଇ ଆସୁଛି। ଭାରତ ନାଟ୍ୟମ ଯୋଗ ଆଦି ଭାରତର ମୂଳଶାସ୍ତ୍ର। ପାତଞ୍ଜଳୀଙ୍କ ଯୋଗଶାସ୍ତ୍ର ଏବେ ପୃଥିବୀ ବ୍ୟାପିଛି। ପ୍ରଥମେ ଏହି ଶାସ୍ତ୍ର



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଗୁରୁମୁଖୀ ଥିଲା। ଏସବୁ ଶିକ୍ଷା ପାଇଁ ବିଦେଶରୁ ଜିଜ୍ଞାସୁ ବୁଦ୍ଧିଜୀବୀ ଆସୁଥିଲେ ବିଦ୍ୟାଦାନ ବଡ଼ ଦାନ ବୋଲି ଗୁରୁଙ୍କ ପାଖରେ ପାର୍ଥୀ ମନା କରିନଥିଲେ। ହେଲେ ଏ ସମୟରେ ଭାରତରୁ ଲୋକେ ଉଚ୍ଚଶିକ୍ଷା ପାଇଁ ବିଦେଶ ଧାବିତ। ଏ ଦେଶର ବିଦ୍ୟା ପ୍ରତି ଆଗ୍ରହ ଲୋକଙ୍କର ପୂର୍ବପରି ଆଗ୍ରହ ନାହିଁ। ଆମ ଦେଶରୁ ଯୋଗଶାସ୍ତ୍ରର ବିଶେଷ ଜ୍ଞାନୀ ବିଦେଶରେ ଆଶ୍ରମ ଅନୁଷ୍ଠାନ କରି ବିଦେଶ ଛାତ୍ରଙ୍କୁ ଜ୍ଞାନ ଦେଉଛନ୍ତି। ଶ୍ରୀଲ ପ୍ରଭୁପାଦ ହରେକୃଷ୍ଣ ମହାମନ୍ତ୍ରକୁ ଆମେରିକାରେ କଷ୍ଟ ସହି ପ୍ରଚାର ଆରମ୍ଭ କରିଥିଲେ, ଆମ ଦେଶ ବୈଷ୍ଣବ ଧର୍ମର ବିଶେଷ ମନ୍ଦିର ଏବେ ଆମେରିକା କେବଳ ନୁହଁ ବହୁ ଦେଶ ଇସକନ ଦ୍ୱାରା ବୈଷ୍ଣବ ଭକ୍ତ ଦୀକ୍ଷିତ କରୁଛନ୍ତି। ଏ ଦେଶର ବିଦ୍ୱାନ ସେ ଦେଶରେ ଅର୍ଥ ପାଇଁ ବୁଦ୍ଧି ବିଦ୍ୟା ପ୍ରୟୋଗ କରି ସେ ସବୁ ବିଦେଶୀ ଭୂମିର ବାସିନ୍ଦା ହେଲେଣି। ବିଦ୍ୟାବୁଦ୍ଧି ବ୍ୟକ୍ତିର ବୟସ ଓ ଶିକ୍ଷା ପରିବେଶରେ ବିକଶିତ ହୁଏ। ଭୋଜନ ପାଇଁ ଅର୍ଥ ଦରକାର ଜଣେ ଭଲରେ ବାସ କରିବା ପାଇଁ ଅର୍ଥ ଦରକାର। ଆମ ଦେଶରେ ଏ ପର୍ଯ୍ୟନ୍ତ ବିଦ୍ୱାନଙ୍କୁ ଉତ୍ତମ ଭାବରେ ଚିହ୍ନଟ କରି ଥଇଥାନ କରାଯାଉନାହିଁ। କେବଳ କେହି ସରକାରୀ ଚାକିରୀ ଖୋଜରେ ପ୍ରତିଯୋଗିତା ପରୀକ୍ଷାରେ ଜିତି ଆସିବା ଲୋକଙ୍କୁ ଚାକିରି ଆଦି ମିଳୁଛି। କିଛି ବ୍ୟକ୍ତି ନେତାଗିରି ଲୋକଙ୍କ ମାନ୍ୟତା ପାଇଁ ରାଜନୀତିରେ ପ୍ରତିଷ୍ଠା ପାଉଛନ୍ତି ଏମାନେ ଦଳକୁ ଦେଖିବା ସଜାଡ଼ିବା କାମରେ ଲାଗିବା ସହିତ ନିଜର ଆୟ ପ୍ରତି ସଜାଗ, କେହି ବିଦ୍ୱାନ ଲୋକଙ୍କୁ ବିଶେଷ ପ୍ରଶୟ ଦେଉନାହାଁନ୍ତି। ଏଣୁ ବହୁ ଅବହେଳିତ ବିଦେଶ ବା ଅନ୍ୟ ପ୍ରଦେଶରେ ରୋଜିରୁଟି ଖର୍ଚ୍ଚ ପାଇଁ ତାଙ୍କର ବୁଦ୍ଧିବିଦ୍ୟା ସେ ଦେଶର ପ୍ରଗତିରେ ଲଗାଉଛନ୍ତି। ଅନେକ ବିଦ୍ୟାର ନବୀକରଣ ବିଦେଶରୁ ନେଇ ଆସୁଛି। ଆମ ଦେଶରେ ଏ ବିଦ୍ୟାର ଜଡ଼ ଥିଲେ ବି କେହି ସେ ପ୍ରତି ଧ୍ୟାନ ଦେଉନାହାଁନ୍ତି। ବିଦ୍ୟା କାମଧେନୁ, ଏ ପ୍ରତି ଲୋକେ ଆଗ୍ରହୀ ସତ୍ୟ ମାତ୍ର ବାଣିଜ୍ୟିକ ବିଦ୍ୟାରେ ସମସ୍ତେ ଲାଳାୟିତ। ମୂଲ୍ୟବାନ ସଂସାର ରକ୍ଷା ବିଦ୍ୟାରେ କେହି ଆଗ୍ରହୀ ହେଉନାହାଁନ୍ତି। ବିଦ୍ୟାଦିରେ ଖସଡ଼ା ପରିବର୍ତ୍ତନ ବାରମ୍ବାର ହେଉଛି ସୀମିତ ସଂଖ୍ୟାର ଜ୍ଞାନରେ ବିଦ୍ୟା ବନ୍ଧା, ବ୍ୟାପକ ଜ୍ଞାନର ଋଷିକୁଳର ଶିକ୍ଷା ଗୁରୁମୁଖୀ ବିଦ୍ୟାର କେହି ଖୋଜରେ ନାହାଁନ୍ତି।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ସମାଜ ପାଇଁ ଆଧ୍ୟାତ୍ମିକ ଓ ନୈତିକ ଆଲୋକବର୍ତ୍ତିକା ଶିକ୍ଷା

ଯୁଗେ ଯୁଗେ ସମାଜ ପାଇଁ ନୈତିକ ମୂଲ୍ୟବୋଧ ସମ୍ପନ୍ନ ଆଧ୍ୟାତ୍ମିକ ଶିକ୍ଷାର ଗୁରୁତ୍ୱ ରହିଆସିଛି। ଶିକ୍ଷା ଆଜିର ସମୟରେ ଅନେକଙ୍କ ପାଇଁ ଜୀବନ ସଦୃଶ ଓ ଏହାର ପରିଧି ଅତ୍ୟନ୍ତ ବ୍ୟାପକ। ପ୍ରତିଦିନ ଗଣମାଧ୍ୟମରେ ବିଶେଷକରି ଛପା ଖବରକାଗଜରେ ତମାମ ଖବର ଭିତରେ ଆଧ୍ୟାତ୍ମିକ, ନୈତିକ ଓ ଶିକ୍ଷାପ୍ରଦ ଖବର ବା ଲେଖା ସ୍ୱତନ୍ତ୍ର ଗ୍ରହଣୀୟତା ରଖିଥାଏ। ଏହା କୋମଳମତି ପିଲାଟିଏ ହେଉ ବା କିଶୋର ଜଣେ ଯୁବକ ହେଉ ବା କର୍ମଜୀବୀ, ପରିଣତ ବୟସର ଜଣେ ହୁଅନ୍ତୁ ବା ଯେ କୌଣସି ବୟସର। ଛପା ଗଣମାଧ୍ୟମରେ ବିଭିନ୍ନ ଲେଖା ଭିତରେ ଉତ୍କଳାନନ୍ଦ ଅଜୟ କୁମାର ବେହେରାଙ୍କ କିଛି ନିୟମିତ ଅତ୍ୟନ୍ତ ଆଧ୍ୟାତ୍ମିକ ଶିକ୍ଷା ମାର୍ଗଦର୍ଶୀ ଲେଖା ପ୍ରକାଶ ପାଉଛି ଏହା ଅତ୍ୟନ୍ତ ମୂଲ୍ୟବାନ ଉପଦେଶ ଗୁଡ଼ିକ ରହୁଥିବାରୁ ଏହାକୁ ପଢ଼ିବାକୁ ଅତ୍ୟନ୍ତ ସୁନ୍ଦର ଲାଗୁଛି। କୌଣସି ସାମ୍ପ୍ରତିକ ପ୍ରସଙ୍ଗ ହେଉ ବା ପର୍ବପର୍ବାଣୀ। ବର୍ତ୍ତମାନ ସମୟର ଅତ୍ୟନ୍ତ ଯୁଗପୋଯୋଗୀ ଓ ସମୟାନୁଭିତ୍ତିକ ପ୍ରସଙ୍ଗକୁ



ଶ୍ୟାମସୁନ୍ଦର ସାମଲ

ନେଇ ସେ ଯେଉଁ ଲେଖାଗୁଡ଼ିକ ପ୍ରକାଶ କରୁଛନ୍ତି ତାହା ଅତ୍ୟନ୍ତ ମୂଲ୍ୟବାନ ସଦୃଶ। କିଛିଦିନ ତଳେ ତାଙ୍କର 'ଶୂନ୍ୟ ମନ୍ଦିରରେ ଶୂନ୍ୟ ଦିଅଁ', 'ମହାଜନ', 'ଭାବ-ଅଭାବ', 'କପୋତପକ୍ଷୀ ଗୁରୁମୋର' ଓ 'ଆଶ୍ରୟ ହୁଅନ୍ତୁ ଆଶ୍ରିତ ନହୁଅନ୍ତୁ'। ଏହି ଲେଖାଗୁଡ଼ିକ ଅତ୍ୟନ୍ତ ଉପାଦେୟ ଓ ଜ୍ଞାନଗର୍ଭକ ଥିଲା। ପ୍ରତିଟି ଲେଖା ଭିତରେ ସାମ୍ପ୍ରତିକ ମୂଲ୍ୟବୋଧ ସହ ନୈତିକ ଶିକ୍ଷା କିପରି ଆମ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଛି ଅତି ନିଖୁଣ ଭାବରେ ତାହା ପ୍ରକାଶ ରହୁଛି। ଜଣେ ଜ୍ୟୋତିଷ ବିଶାରଦ ଓ ବିଶିଷ୍ଟ ଗ୍ରହ ବିଶାରଦ, ବାସ୍ତୁବିତ ଭାବେ ତାଙ୍କର ପରିଚିତ ଥିବାବେଳେ ସେ ହେଉଛନ୍ତି ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଆଶ୍ରିତ। ଅନେକ ବର୍ଷ ତଳେ ଦୈନିକ ଲୋକପ୍ରିୟ 'ସମାଜ'ରେ ଦସ୍ୟୁ ବୀରାପାନଙ୍କୁ ଧରାପଡ଼ିଥିବାର ଘଟଣାକୁ ନେଇ ଏକ ଲେଖା ପ୍ରକାଶ ହୋଇଥିଲା। ଏହି ଲେଖାଟି ସେତେବେଳେ ଖବର କାଗଜ ସମୟକୁ ବେଶ ହଟଚମକ କରିଥିଲା। ଏ ନେଇ ଅନେକ ଆଲୋଚନା ହୋଇଥିଲା ଏବଂ ଲୋକମାନେ ଏପରି ଜଣେ ବିଶିଷ୍ଟ ଜ୍ୟୋର୍ତିବିଦଙ୍କ ସାଧନା ଏବେ ଦେଖିବାକୁ ପାଉଛନ୍ତି। ତାଙ୍କ ଘରେ ଅନେକ ପୁସ୍ତକ ଜଣେ ଦେଖିବାକୁ ପାଇବେ। ଭାରତର ଅନେକ ତୀର୍ଥସ୍ଥାନ ଓ ଧର୍ମସ୍ଥଳୀ ସେ ଯାତ୍ରା କରି ଅନେକ ଆଧ୍ୟାତ୍ମିକ ଜ୍ଞାନ ଅର୍ଜନ କରିଛନ୍ତି। ଭାରତର ସବୁ ଧର୍ମ, ସମ୍ପ୍ରଦାୟଙ୍କ ପ୍ରତି ତାଙ୍କର ବେଶ ଆଦର ଓ ଅନେକ ଅନୁଷ୍ଠାନ ସହ ସେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଜଡ଼ିତ। ତେବେ ତାଙ୍କ ଲେଖା ଏହି ଦୁଇ ଚାରି ବର୍ଷ ହେବ ଆମେ ପ୍ରକାଶିତ ହେବାକୁ ଦେଖୁଛୁ। ତାଙ୍କ ଲେଖାଗୁଡ଼ିକ ଯେଉଁପରି ଭାବସ୍ପର୍ଶୀ ସେହିପରି ତଥ୍ୟ ଭିତ୍ତିକ। ସେ ଲେଖା ଭିତରେ ଅନେକ ଗୁଢ଼ଜ୍ଞାନ ସବୁ ଭରି ରହିଛି ଯାହା ହୁଏତ ସମସ୍ତଙ୍କ ପାଇଁ ବୁଝିବା ସମ୍ଭବ ନ ହୋଇପାରେ। ତଥାକଥିତ ପ୍ରଚାର ପ୍ରସାର ଠାରୁ ସେ ସମ୍ଭବତଃ ଦୂରେଇ ରୁହନ୍ତି କାରଣ ତାଙ୍କୁ ସମ୍ବର୍ଦ୍ଧିତ ବା ସମ୍ମାନ ପୁରସ୍କାର କେଉଁ ସଂସ୍ଥା ଦେଉଥିବାର ଖବର କୌଣସି ଖବର କାଗଜରେ ଏହି ଲେଖକ ଦେଖିବାକୁ ପାଇନାହିଁ। ଜଣେ ଯାହାମତେ ମନ୍ତବ୍ୟ ଦେଇଥିଲେ ଯେ ସେ ସବୁବେଳେ ଲୋକଙ୍କୁ ପରାମର୍ଶ ପୂଜାପାଠ ନଚେତ ବହି ପଢ଼ା ଭିତରେ ବ୍ୟସ୍ତ ରୁହନ୍ତି। କେଉଁଠି ସମ୍ବର୍ଦ୍ଧନା ପାଇବା ପାଇଁ ସେ ଆଦୌ ଯାଇନଥାନ୍ତି କି ତାଙ୍କ ଘରକୁ ଆସି ସମ୍ବର୍ଦ୍ଧିତ କରିବାର ପରମ୍ପରାକୁ ସେ ଭଲ ପାଆନ୍ତି ନାହିଁ। ଅନେକ ଲୋକଙ୍କୁ ସେ ଯେଉଁ ମୂଲ୍ୟବାନ ପରାମର୍ଶ ଦିଅନ୍ତି ତାର ତଥାକଥିତ ପ୍ରାପ୍ୟ ସେ ପାଇନଥାନ୍ତି। ଜଣେ ବାବୁ ମନ୍ତବ୍ୟ ଦେଉଥିଲେ ଯେ ତାଙ୍କ ପାଖକୁ 'ମୁଁ ଜଣେ ଜ୍ୟୋତିଷ ପାଖକୁ ଯାଉଛି ଭାବି ଗଲେ, ସେ ତା ଇପ୍ସିତ ପ୍ରଶ୍ନର ଉତ୍ତର ପାଇପାରେ କିନ୍ତୁ ଜଣେ ସାଧକଙ୍କ ପାଖକୁ ଯାଉଛି ଭାବି ଯଦି ଯାଉଥାଏ ତାହାଲେ ସେ ଜୀବନରେ ଦିବ୍ୟ ଜୀବନର ବାଟ ପାଇପାରିବ।'
ସମାଜରେ ଏହିପରି ମୂଲ୍ୟବୋଧଯୁକ୍ତ ଭଲ ମଣିଷ ଓ ସେମାନଙ୍କ ସମ୍ପର୍କରେ ଗଣମାଧ୍ୟମରେ କ୍ୱଚିତ ଖବର ପ୍ରକାଶ ପାଇଥାଏ। ତେବେ ସମାଜକୁ ତାଙ୍କର କେଉଁ ନୈତିକ ମୂଲ୍ୟବୋଧଭିତ୍ତିକ ଓ ଶିକ୍ଷାଧର୍ମୀ ଲେଖା ସବୁ ପ୍ରକାଶ ପାଏ ତାହା ସମସ୍ତଙ୍କୁ ନୂଆ ରାସ୍ତା, ନୂଆ ଆଶା, ନୂଆ ଭରଷା ମଧ୍ୟ ଦେଖାଇଥାଏ। ଭଗବାନଙ୍କ ସୃଷ୍ଟିରେ ଜନ୍ମ ହୋଇ ତାଙ୍କ ପ୍ରତି ସମର୍ପିତ ଭାବନା ରଖି ସମାଜ ପାଇଁ ସେବାରେ ବ୍ରତୀ ରଖିବା ହିଁ ଆଜିର ସମୟରେ ଯଥାର୍ଥ ମାନବିକତା ବା ମଣିଷ ପଣିଆ।

*ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ,*
*ଶ୍ରୀସତ୍ୟସାଇ ସେବା ସମିତି, କଟକ,*
*ଦୂରଭାଷ : ୯୭୭୮୬୩୫୯୨୬*

# ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ

**ଗୌରାଙ୍ଗ କୁମାର ନାୟକ**

ଜଗନ୍ନାଥ : ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପରେ ବାଙ୍କି ମୁହାଣରୁ ସଂଗ୍ରହ କରାଯାଇଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବା ପାଇଁ ବଢ଼େଇ ଖୋଜୁଥିଲେ। ଏହି ସମୟରେ ଜଣେ ବୁଢ଼ା ବଢ଼େଇ ଆସି ପହଞ୍ଚି ଥିଲେ। ସେ ଯେ ମୂର୍ତ୍ତି ନିର୍ମାଣ କରିପାରିବେ ରାଜା ରାଣୀ ଏ ବିଶ୍ୱାସ କରିପାରିଲେ ନାହିଁ। ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣର ଦାୟିତ୍ୱ ଦିଆଗଲା। ବୁଢ଼ା ବଢ଼େଇ ସର୍ତ୍ତ ରଖିଲେ ୨୧ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ। ସେ ଉପବାସ କରି ମୂର୍ତ୍ତି ନିର୍ମାଣ କରିବେ। ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ ରଖିଲେ। ପ୍ରତ୍ୟେକ ଦିନ ରାଜା ଭିତରର ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି। ହଠାତ୍ ଆଉ ଶବ୍ଦ ନଶୁଭିବାରୁ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ। ସେ ଭାବିଲେ ବୁଢ଼ା ବଢ଼େଇ ମୃତ୍ୟୁ ବରଣ କରିଛନ୍ତି। ଗୁଣ୍ଡିଚାରାଣୀଙ୍କ ଅନୁରୋଧରୁ ଦ୍ୱାର ଉନ୍ମୁକ୍ତ କରାଗଲା। ଦେଖାଗଲା ଯେ ବୁଢ଼ା ବଢ଼େଇ ନାହାନ୍ତି – ଅଛି କେବଳ ଦରଗଢ଼ା ଜଗନ୍ନାଥ ମୂର୍ତ୍ତି। ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ସେହି ରୂପରେ ହିଁ ଆବିର୍ଭୂତ ହୋଇଛି। ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ। ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ କାରିଗର ବିଶ୍ୱକର୍ମା।
ଲକ୍ଷ୍ମୀଙ୍କ ଗୃହ : ଲକ୍ଷ୍ମୀ ପୁରାଣରୁ ମଧ୍ୟ ଜଣାଯାଏ ଯେ ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର। ଶ୍ରୀୟାଚଣ୍ଡାଳୁଣୀ ଘରକୁ ଜଗତ ଜନନୀ ମା'ଠାକୁରାଣୀ ଯାଇଥିଲେ ବୋଲି ବଳଭଦ୍ରଙ୍କ ପ୍ରରୋଚନାରେ ଯେତେବେଳେ ଜଗନ୍ନାଥ ତାଙ୍କୁ ମନ୍ଦିରକୁ ବାହାର କରିଦେଲେ ସେତେବେଳେ ମାଆ ଲକ୍ଷ୍ମୀ ବାପ ଘରକୁ ନଯାଇ ବିଶ୍ୱକର୍ମାଙ୍କୁ ସ୍ମରଣ କରି ନିବେଦନ କରିଥିଲେ ଗୋଟିଏ ଘର ନିର୍ମାଣ ପାଇଁ। ଏହି ବିଶ୍ୱକର୍ମା ବୈକୁଣ୍ଠରୁ ଅବତରଣ କରି ମା'ଙ୍କ ବୈକୁଣ୍ଠ ସମାନ ନଗର ନିର୍ମାଣ କରିଥିଲେ।
ସୁଦାମା : ଭାଗବତରୁ ଜଣାଯାଏ ଯେ ଯେତେବେଳେ ଭକ୍ତ ସୁଦାମା ଖୁଦ ଭଜା ହାତରେ ଧରି ଦ୍ୱାରକାର ରାଜା କୃଷ୍ଣଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ। ସେତେବେଳେ କୃଷ୍ଣ ଆନନ୍ଦରେ କୁଣ୍ଢାଇ ପକାଇଥିଲେ। ସୁଦାମା ନିଜର ମନକଥା କୃଷ୍ଣଙ୍କ ପାଖରେ ପ୍ରକାଶ କରିନଥିଲେ ମଧ୍ୟ ଅନ୍ତର୍ଯ୍ୟାମୀଙ୍କୁ କେଉଁ କଥା ଅଗୋଚର। ସଙ୍ଗେ ସଙ୍ଗେ ଦେବ ଦେବ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ସୁଦାମା ପ୍ରାସାଦ ନିର୍ମାଣ କରି ଧନ ଧାନ୍ୟ ଗୋପଲକ୍ଷ୍ମୀରେ ଭରପୁର କରିପବା ଲାଗି। ଦ୍ୱାରକା ଭୁବନରେ ଥିବା କୃଷ୍ଣଙ୍କପୁର ମଧ୍ୟ ଏହି ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭଗବତରୁ ଜଣାଯାଏ।
ଦେବାଦେବୀଙ୍କ ବ୍ୟବହାର୍ଯ୍ୟ :
ବସ୍ତୁ : ଭଗବାନ ବିଶ୍ୱକର୍ମା ଇନ୍ଦ୍ରପୁରୀ, ଯମପୁରୀ, ବରୁଣପୁରୀ, କୁବେରପୁରୀ, ପାଣ୍ଡବପୁରୀ, ସୁଦାମାପୁରୀ, ଶିବମଣ୍ଡଳପୁରୀ ଆଦି ନିର୍ମାଣ କରିଥିଲେ। ପୁଷ୍ପକ ବିମାନ ନିର୍ମାଣ ତଥା ସମସ୍ତ ଦେବୀଙ୍କ ଭବନ ଏବଂ ସେମାନଙ୍କ ଦୈନିକ ଉପଯୋଗୀ ବସ୍ତୁ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। କର୍ଣ୍ଣଙ୍କ କୁଣ୍ଡଳ, ବିଷ୍ଣୁ ଭଗବାନଙ୍କ ସୁଦର୍ଶନ ଚକ୍ର, ଶଙ୍କର ଭଗବାନଙ୍କ ତ୍ରିଶୂଳ ଓ ଯମରାଜଙ୍କ କାଳଦଣ୍ଡ ଇତ୍ୟାଦି ନିର୍ମାଣ କରିଥିଲେ ଭଗବାନ ବିଶ୍ୱକର୍ମା।
ସୂର୍ଯ୍ୟ କିରଣ ସୃଷ୍ଟି : ଜୀବଜଗତକୁ ତିଷ୍ଠି ରଖିବାରେ ସହାୟକ ହେଉଥିବା ସୂର୍ଯ୍ୟ କିରଣ ମଧ୍ୟ ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ରାଜବଲ୍ଲଭ ବାସ୍ତୁଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି। ଏହି ବର୍ଣ୍ଣନା ଅନ୍ୟ ଗ୍ରନ୍ଥରେ ମଧ୍ୟ ଦେଖିବାକୁ ମିଳେ। ବିଶ୍ୱକର୍ମାଙ୍କୁ କମ୍ବାସୁତ୍ର, ପୁସ୍ତକ ଓ ଜ୍ଞାନସୂତ୍ର ଧାରକ। ହଂସ ଉପରେ ଆରୁଢ଼, ସର୍ବଦୃଷ୍ଟିଧାରକ, ଶୁଭ ମୁକୁଟ ଓ ବୃଦ୍ଧକାୟ ବୋଲି କୁହାଯାଏ। ବିଶ୍ୱର ସର୍ବପ୍ରଥମ ଟେକ୍‌ନିକ୍ ଗ୍ରନ୍ଥ ବିଶ୍ୱକର୍ମୀୟ ଗ୍ରନ୍ଥ ବୋଲି ମନାଯାଏ। ବିଭିନ୍ନ ଗ୍ରନ୍ଥ ମଧ୍ୟରେ ବିଶ୍ୱକର୍ମୀୟ ଗ୍ରନ୍ଥ ବହୁତ ପ୍ରାଚୀନ ମନାଯାଏ। ଏହି ଗ୍ରନ୍ଥରେ ବାସ୍ତୁବିଦ୍ୟା, ରଥର ବାହାନ, ମାନବ ଓ ଦେବବାସ୍ତୁ ବିଦ୍ୟା ଗଣିତର ସୂତ୍ର ଏକା ସାଙ୍ଗରେ ରହିଛି। ଏହା ସମସ୍ତ ପ୍ରାମାଣିକ ଓ ପ୍ରାସଙ୍ଗିକ।

'ମହାବୀର', ସେକ୍ଟର-୭,
ସିଡିଏ, କଟକ,
ଦୂରଭାଷ : ୮୮୯୫୦୭୯୯୨୯

# ଉତ୍କଳ ପ୍ରଦେଶ ଗଠନରେ କୁଳବୃଦ୍ଧ ମଧୁବାବୁ

ଷୋଡଶ ଶତାବ୍ଦୀର ମଧ୍ୟ ଭାଗରେ ଓଡିଶାର ରଜନୈତିକ ସାମ୍ରାଜ୍ୟର ଗୌରବ ରବି ଅସ୍ତମିତ ହେବା ପୂର୍ବରୁ ଓଡିଶାର ସୀମା ଉତରରେ ବଙ୍ଗ, ଦକ୍ଷିଣରେ ତେଲେଙ୍ଗାନା ଓ କର୍ଣ୍ଣାଟକ ପ୍ରଦେଶର କେତେକ ଅଂଚଳକୁ ନେଇ ପରିବ୍ୟାପ୍ତ ଥିଲା । ପର୍ଯ୍ୟାୟକ୍ରମେ ଆଫଗାନ, ମୋଗଲ, ମରାଠାଙ୍କ ଆକ୍ରମଣ ସହିତ ଅନ୍ତଃକନ୍ଦଳର ସୂତ୍ରପାତ ଓ ଭାତୃବିବାଦରେ ଓଡିଶାବାସୀ ସହ୍ୟଶକ୍ତି ହରାଇ ଚରମ ସୋପାନରେ ପହଂଚି ଯାଇଥିଲେ । ଏସବୁ ଥିଲା ପଲାସୀ ଯୁଦ୍ଧରେ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗ ଅଧିକାର କରିବାର ୪୬ ବର୍ଷ ପରର ଘଟଣା । କେବଳ ବଙ୍ଗ କାହିଁକି ସାରା ଭାରତର ଭାଗ୍ୟ ମଧ୍ୟ ସେହିଠାରେ ନିର୍ଦ୍ଧାରିତ ହେଲା । ମରାଠାମାନେ କଟକର ବାରବାଟୀ ଦୁର୍ଗ ଅଧିକାର କରି ସାରା ଓଡିଶାରେ ରାଜୁତି ଚଳାଇବା ପରି ଇଂରେଜମାନେ ମଧ୍ୟ ସେହି ଦୁର୍ଗ ଅଧିକାର କରି ରାଜୁତି କଲେ । ପରେ କଲିକତାର ଫୋର୍ଟ ଉଇଲିୟମ ହେଲା ଓଡିଶା ଶାସନର କେନ୍ଦ୍ରସ୍ଥଳୀ । ଶତାବ୍ଦୀ ପରେ ଶତାବ୍ଦୀ ମୋଗଲ ମରାଠା ମାନଙ୍କ ଶୋଷଣ କଷଣ ଲୁଣ୍ଠନରେ ଅତିଷ୍ଠ ଓଡିଶା ଇଷ୍ଟଇଣ୍ଡିଆ କମ୍ପାନୀଙ୍କୁ ବିରୋଧ ନକରି ନିଜର ତ୍ରାଣକର୍ତା ଭାବେ ସ୍ୱାଗତ କରିଥିଲା । ଓଡିଶା କମ୍ପାନୀ ଶାସନ ଆରମ୍ଭରେ ଖଣ୍ଡବିଖଣ୍ଡିତ ହୋଇ ବଙ୍ଗଳା, ମଧ୍ୟପ୍ରଦେଶ, ମାନ୍ଦ୍ରାଜ ଆଦି ଯେଉଁ ପ୍ରଦେଶ ଗୁଡିକୁ ବ୍ରିଟିଶ୍ ମାନେ ଆଦରି ନେଇଥିଲେ ସେମାନଙ୍କ ସହ ସାମିଲ୍ ହୋଇ ଯାଇଥିଲା । ଫଳରେ ପରସ୍ପର ଠାରୁ ବିଚ୍ଛିନ୍ନ ତିନୋଟି ଅଲଗା ଅଲଗା ଶସନାଧିନରେ ସଂଖ୍ୟାଲଘୁ ଭାଷା ଭାଷୀ ଓ ଇତର ସଂସ୍କୃତି ଲୋକଙ୍କ ପରି ଓଡିଆଙ୍କୁ ରହିବାକୁ ପଡିଥିଲା । ଓଡିଶାକୁ କମ୍ପାନୀ ଶାସନର ୧୪ ବର୍ଷ ମଧ୍ୟରେ ଦୁଇ ତୃତୀୟାଂସ ଜମିଦାରୀ ଓଡିଶା ବାହାର ଲୋକଙ୍କ ହାତକୁ ଚାଲିଗଲା । ଓଡିଶା ଗୌରବର ମେରୁଦଣ୍ଡ ଭାଙ୍ଗିଗଲା ।। ପାଇକ ମାନଙ୍କ ପ୍ରଭୁତ୍ୱ ଓ ପ୍ରତିପତି ହ୍ରାସ ପାଇଲା । ଦୀର୍ଘଦିନ ଧରି ଏଭଳି ଅସହ୍ୟ ପରିବେଶକୁ ବରଦାସ୍ତ କରିନପାରି ପାଇକମାନେ କମ୍ପାନୀ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବା ସହିତ ପୁରୀ ସହରକୁ ଦଖଲ କରିନେଲେ । ବ୍ରିଟିଶ୍ ଶାସନ ବିରୁଦ୍ଧରେ ପ୍ରଥମ ପ୍ରତିବାଦର ସଂଗ୍ରାମ ଥିଲା ଏହି ପାଇକ ବିଦ୍ରୋହ । କମ୍ପାନୀ ଶାସନର ସାମରିକ ଶକ୍ତି ବଳରେ ଏହି ବିଦ୍ରୋହ ଦବି ଯାଇଥିଲେ ବି ବେଳେ ବେଳେ ବିଦ୍ରୋହ ମୁଣ୍ଡ ଟେକୁଥିଲା । ଭାଷାଗତ ଦୃଷ୍ଟିରୁ ବିଖଣ୍ଡିତ ଆର୍ଥିକ ଦୃଷ୍ଟିରୁ ସଂକଟିତ ଓ ସାଂସ୍କୃତିକ ମ୍ରିୟମାଣ ଓଡିଶା କମ୍ପାନୀ ସରକାରଙ୍କୁ ବିରୋଧ କରିବାରୁ ଅକଥନୀୟ ଅତ୍ୟାଚାର ସହିବା ସହିତ ପରିଣାମରେ ବଙ୍ଗଳା ପ୍ରେସିଡେନ୍ସିର ଉପନିବେଶ ରୂପେ ରହିଥିଲା ।
୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ ଓଡିଶାର ଅଭାବ ଅସୁବିଧା ଦେଖିବାକୁ ମିଳିଲା । ଏତେଦିନେ ବ୍ରିଟିଶ ଶାସନର ଚେତା ପଶିଲା । ଦୁର୍ଭିକ୍ଷ ପରେ ଭାରତ ସରକାର ଏ ବିଷୟରେ ସ୍ୱତନ୍ତ୍ର ତଦନ୍ତ କରି ଜାଣିଲେ ଓଡିଶାକୁ ଖଣ୍ଡ ଖଣ୍ଡ କରି ଶାସନ କରିବା ଫଳରେ ଏଭଳି ଦୁର୍ଭିକ୍ଷ ସଂଗଠିତ ହୋଇ୧୦ ଲକ୍ଷ ଲୋକଙ୍କ ପ୍ରାଣ ହାନୀ ଘଟିଲା । ଏହାର ପ୍ରତିକାର ନିମନ୍ତେ ଓଡିଶାକୁ ବଙ୍ଗଳାରୁ ଅଲଗା କରି ସମଗ୍ର ଭାଷାଭାଷୀ ଅଂଚଳକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଶାସନାଧିନ କରି ରଖିବାକୁ ୧୮୬୮ ମସିହାରେ ବ୍ରିଟିଶ୍ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଶାସନର ଦୋଷତ୍ରୁଟି ସଂପର୍କରେ ଚେତାଇଦେବା ସହିତ ସୁପାରିଶ କରିଥିଲେ ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଫର ଇଣ୍ଡିଆ ସାର୍ ଷ୍ଟ୍ରା ଫୋର୍ଡ ନର୍ଥକୋଟ୍ । ଏହି ସୁପାରିଶର ସୁଯୋଗ ଦାବି ନେଇ ସେତେବେଳେ କୌଣସି ସଂସ୍ଥା କି ରାଜନୈତିକ ବଳ ନଥିବା ଯୋଗୁଁ ଏହା କେବଳ କାଗଜରେ ସେପରି ରହିଯାଇଥିଲା ।
ଓଡିଶା ବାହାରେ ଯେଉଁ ସୁବିଧାବାଦୀ ଓଡିଶା ଶାସନ କଳକୁ କବ୍ଜା କରି ସବୁ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ନେଇ ଚାଲିଥିଲେ, ସେମାନେ ସେମାନଙ୍କ ସ୍ୱାର୍ଥହାନୀ ଦେଖି ଉକ୍ତ ସୁପାରିଶକୁ ଭଣ୍ଡୁରକରୁବାକୁ ଚକ୍ରାନ୍ତ କରି ବସିଲେ । ଓଡିଶା ଡିଭିଜନର ସବୁ ସ୍କୁଲ୍‌ରୁ ଓଡିଆ ଭାଷା ଉଠାଇବାକୁ ଚେଷ୍ଟା କଲେ । ଏଥିପାଇଁ ଜନ୍ ବିମ୍ସ ସାହେବ ସ୍ପଷ୍ଟ ଭାବରେ ଓଡିଆ ଭାଷା ଅନ୍ୟାନ୍ୟ ଭାରତୀୟ ଭାଷା ଠାରୁ ଅଧିକ ପୁରାତନ ଓ ପ୍ରତିଷ୍ଠିତ ବୋଲିକହିଲେ । ପ୍ରକୃତରେ ବି ଓଡିଆମାନେ ଓଡିଆ ଭାଷାକୁ ନେଇ ଗର୍ବ କରୁଥିଲେ । ଏଭଳି ଅବସ୍ଥାରେ ଓଡିଆ ଭାଷା ରକ୍ଷା ଆନ୍ଦୋଳନକୁ ଚଳାଇବାକୁ ଓଡିଶାର ସମୂହ ଜନତା ଅତୀତର ସମସ୍ତ ଜଡତା ପରିହାର କରି ଏକମନ ଏକପ୍ରାଣରେ ମାତି ଉଠିଲେ । ଦୀର୍ଘଦିନର ଭାଷା ଆନ୍ଦୋଳନ ପରେ



ଅକ୍ଷୟ କୁମାର ରାଉତ

ଓଡିଆ ଭାଷାର ବିଜୟ ହେଲା । ଓଡିଆ ଭାଷା ଭାଷୀ ଅଂଚଳକୁ ଏକ ଶାସନାଧିନ କରି ରଖିବା ଲାଗି ପୂର୍ବରୁ ଯେଉଁ ଉଦ୍ୟମ ମୁଣ୍ଡ ଟେକିଥିଲା ତାହା ସମୟକ୍ରମେ ଅଧିକ ସକ୍ରିୟ ହୋଇ ଉଠିଲା । ଏଭଳି ଏକ ପରିବେଶ ପରିସ୍ଥିତିରେ ଏହି ନିଷ୍ପ୍ରାଣ ଓଡିଆ ଜାତିକୁ ଏକ ଦୃଢ ଜାତିର ଶକ୍ତି ଆଉ ଅସରନ୍ତି ଧୈର୍ଯ୍ୟ ଦେବାକୁ ଧାଇଁ ଆସିଲେ କୁଳବୃଦ୍ଧ ମଧୁବାବୁ । ଓଡିଆ ଭାଷାଭାଷୀ ଅଂଚଳକୁ ଏକ ଶାସନାଧିନ କରି
ଓଡିଶାବାସୀଙ୍କ ଲାଗି ସ୍ୱତନ୍ତ୍ର ପ୍ରଦେଶ ଗଠନର ସମ୍ଭାବନାକୁ ବାସ୍ତବତାର ରୂପ ଦେବା ଲାଗି ଅନେକ କିଛି ଉଦ୍ୟମର ଆବଶ୍ୟକକୁ ବିଚାର କରି ସେହି ସମୟରେ ମଧୁବାବୁ ଓଡିଶାରେ ଏକ ଅନୁଷ୍ଠାନ ଉତ୍କଳସଭା ବା ଓଡିଶା ଆସୋସିଏସନ ଗଠନ କରିଥିଲେ । ସେତେବେଳେ ଏହାର କାର୍ଯ୍ୟ ପରିସର ସେତେଟା ପରିବ୍ୟାପ୍ତ ନହୋଇ କେବଳ କଟକ ଜିଲ୍ଲାରେ କାର୍ଯ୍ୟ କରୁଥିଲା । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ ଦୁଇଦିନ ଧରି କଟକ ଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ବସିଲା । ସେଥିରେ ସାରା ଓଡିଶାର ରାଜା ରାଜୁଡା ଠୁ ଆରମ୍ଭ କରି ସାଧାରଣ ଜନତା ଏପରିକି ଓଡିଶା ବାହାରେ ଥିବା ଓଡିଆ ଲୋକ ମାନେ ବିପୁଳ ସଂଖ୍ୟାରେ ଯୋଗ ଦେଲେ । ସେଠାରେ ଓଡିଆ ଭାଷାଭାଷୀ ବିଚ୍ଛିନ୍ନାଂଚଳ ଗୁଡିକର ଏକତ୍ରିକରଣ ନିମନ୍ତେ ନାନାକଥା ଆଲୋଚନା କରାଯାଇଥିଲା । ୧୯୨୦ ମସିହାରେ ଗାନ୍ଧିଜୀଙ୍କର ଆହ୍ୱାନ କ୍ରମେ ଅସହଯୋଗ ଆନ୍ଦୋଳନକୁ କର୍ମସୂତ୍ର ଭାବେ ଉତ୍କଳ ସମ୍ମିଳନୀ ଗ୍ରହଣ କରି ଭାରତୀୟ ଜାତୀୟ ସ୍ରୋତରେ ତା ର ସ୍ୱତନ୍ତ୍ର ସତା ବଜାୟ ରଖିଲା । ଏହା ମୁଖ୍ୟତଃ ଜାତିବର୍ଣ୍ଣ ଭାଷା ନିର୍ବିଶେଷରେ ସମସ୍ତ ଓଡିଆ ଭାଷାଭାଷୀ ଅଂଚଳକୁ ଏକଶାସନାଧିନ କରିବାର ମହାସଭା ଥିଲା । କେବଳ ସ୍ୱତନ୍ତ୍ର ପ୍ରଦେଶ ନୁହେଁ ଉତ୍କଳ ସମ୍ମିଳନୀ ମଧ୍ୟ ଓଡିଶାରେ ବ୍ୟବସାୟିକ ଶିକ୍ଷାର ପ୍ରସାର ଓ ସର୍ବୋପରି ଓଡିଶାର ସାଂସ୍କୃତିକ ଓ ରାଜନୈତିକ ଜାଗରଣ ଆଣିବାରେ କାର୍ଯ୍ୟ କରୁଥିଲା । ଉତ୍କଳ ସମ୍ମିଳନୀ ତା ର କାର୍ଯ୍ୟକଳାପ ନେଇ ଓଡିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରି ବସିଲା । ଓଡିଶାର ଓଡିଆ ମାନେ ଆଗ୍ରହ ସହକାରେ ଏହି ସମ୍ମିଳନୀରେ ଯୋଗ ଦେଉଥିଲେ । ଏହି କାର୍ଯ ନିମନ୍ତେ ମଧୁବାବୁ ବ୍ୟକ୍ତିଗତ ଭାବେ ମଧ ଋଣ କରୁଥିଲେ । ସେଥିପାଇଁ ତାଙ୍କୁ ଶେଷଜୀବନରେ ଦେବାଳିଆ ହେବାକୁ ମଧ୍ୟ ପଡିଥିଲା ।
ଉତ୍କଳ ସମ୍ମିଳନୀ ଦ୍ୱାରା କେବଳ ମଧୁବାବୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଚାହିଁ ନଥିଲେ । ପ୍ରଦେଶଟିକୁ ମଧ୍ୟ ସମସ୍ତ ପ୍ରକାର ଅନ୍ୟାୟ ଲୁଣ୍ଠନରୁ ମୁକ୍ତ କରାଇ ତାହାର ଅଧିବାସୀଙ୍କୁ ସ୍ୱାଧିନ ଜୀବନଯାପନ କରିବାକୁ ଉଦ୍ୟମ କରିଥିଲେ । ମଧୁବାବୁଙ୍କ ଏସବୁ ଲକ୍ଷ ସଫଳ ହୋଇଥିଲା କି ନାହିଁ ତାହା ସମୟ କହିବ, ହେଲେ ସେ ଯେଉଁ ମହତ ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲେ ସେଥିରେ ତାଙ୍କର ମହନୀୟତା ଉଚ୍ଚକାଂକ୍ଷା ଦେଖିବାକୁ ମିଳେ । ଯାହାଟା ଅନ୍ୟ କୌଣସି ଓଡିଆଙ୍କ ଠାରେ ଦେଖିବାକୁ ମିଳୁନଥିଲା । ନିଜର ନିସ୍ୱାର୍ଥପର କାର୍ଯ୍ୟାବଳୀ ନିମନ୍ତେ ମଧୁବାବୁ ସବୁ ଶ୍ରେଣୀର ଓଡିଆଙ୍କ ଶ୍ରଦ୍ଧା ସମ୍ମାନର ଆସନରେ ଅଧିଷ୍ଠିତ ହୋଇପାରିଥିଲେ । ବ୍ୟକ୍ତିଗତ ଓ ସାମୁହିକ ସମାଜର ପରିସରରେ ବହୁ ଦାରୁଣ ବିପର୍ଯ୍ୟୟ ଓ ଦୁଃଖଃ ଦୁର୍ଦ୍ଦଶାକୁ ସେ ସାହସ ଓ ଆନନ୍ଦର ସହ ମୁକାବିଲା କରିବାରେ ଯେଉଁ ସାମର୍ଥ ପ୍ରଦର୍ଶନ କରିଥିଲେ ତାହା ଭଷାରେ ବର୍ଣ୍ଣନା କରାଯାଇ ନପାରେ । ଜୀବନର ଅନ୍ତିମ ମୁହୂର୍ତ ନିକଟତର ହେବା ଜାଣି ଓଡିଶା ବିଷୟ ବୁଝିବାକୁ ଓ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାୟିତ୍ୱ ବହନ କରିବାକୁ ସ୍ୱତନ୍ତ୍ର ଉତରାଧିକାରୀ ଭାବେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମଧୁବାବୁ ମନେ ମନେ ସ୍ଥିର କରିନେଇଥିଲେ । କିନ୍ତୁ ଓଡିଶାର ଦୁର୍ଭଗ୍ୟକୁ ୧୯୨୮ ମସିହା ଜୁନ୍ ୧୭ ତାରିଖରେ ଗୋପବନ୍ଧୁଙ୍କ ମୃତ୍ୟୁ ଘଟି ସାରିଥିଲା । ତେଣୁ ମଧୁବାବୁ ଓଡିଶାର ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରିଥିଲେ । ମଧୁବାବୁ ନିଜେ ଯେଉଁ ସତ୍ୟବାଦୀ ଗୋଷ୍ଠୀ ଗଠନ କରିଥିଲେ ପଣ୍ଡିତ ନୀଳକଣ୍ଠ ଦାସ ସେହି ଗୋଷ୍ଠୀର ମୁଖ୍ୟ ଥିଲେ । ପଣ୍ଡିତ ନୀଳକଣ୍ଠ ମଧୁବାବୁଙ୍କ ସଂକଟାପନ୍ନ ଅବସ୍ଥା ବିଷୟ ଶୁଣି ଶେଷଦର୍ଶନ ପାଇଁ କଟକ ଫେରି ଆସିଥିଲେ । ପଣ୍ଡିତ ନୀଳକଣ୍ଠଙ୍କୁ ସବୁ ଅଂଚଳ ଓଡିଶାରେ ମିଶିବାକୁ କହିବା ପରେ ତାଙ୍କର ଚୈତନ୍ୟ ସତା ଲୋପ ପାଇଯାଇଥିଲା । ୧୯୩୪ ମସିହା ଫେବୃୟାରୀ ୪ ତାରିଖ ରାତିରେ ତାଙ୍କର ଅମର ଆତ୍ମା ଦିବ୍ୟଧାମକୁ ବାହୁଡି ଗଲା । ସୁଦୀର୍ଘ ୮୫ ବର୍ଷ ବୟସରେ ଘଟଣାବହୁଳ କୁଳବୃଦ୍ଧ ମଧୁବାବୁଙ୍କ ଜୀବନର ପରିସମାପ୍ତି ଘଟିଲା । ଓଡିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିବାକୁ ମଧୁବାବୁ ଜୀବନସାରା ଲାଗି ପଡିଥିଲେ ବି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ୧୯୩୬ ଏପ୍ରଲ ୧ ତାରିଖକୁ ନିଜ ଆଖିରେ ଦେଖି ପାରିନଥିଲେ । ଓଡିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବାର ଦୀର୍ଘ ବର୍ଷ ବିତି ଯାଇଥିଲେ ବି, ଏବେବି ଓଡିଆ ଓ ଓଡିଶାର ବିକାଶ ଚିନ୍ତା କରୁଥିବା ଚିନ୍ତାନାୟକ ମାନେ ଓଡିଶାରୁ ବିଚ୍ଛିନ୍ନାଂଚଳ, ଓଡିଶାରେ ମିଶ୍ରଣ କରାଇ ପାରିନାହାନ୍ତି । ଓଡିଶା ପ୍ରଦେଶରୁ ବାଦ୍‌ପଡିଥିବା ସମସ୍ତ ବିଚ୍ଛିନ୍ନାଂଚଳକୁ ଓଡିଶାରେ ମିଶ୍ରଣ କରାଇବାକୁ ସମସ୍ତ ଓଡିଆ ପ୍ରଯତ୍ନ କରିପାରିଲେ ମଧୁବାବୁ ଜୀବନର ଯଥାର୍ଥ ଆଲୋକପାତ କରାଯିବା ସହିତ ସ୍ୱତନ୍ତ୍ର ପ୍ରଦେଶ ପାଳନର ଲକ୍ଷ ସାକାର ହୋଇପାରିବ ବୋଲି ଯଥାର୍ଥରେ କୁହାଯାଇପାରେ ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ- ୯୯୩୭୬୯୧୪୭୫




# ବୋଉ ଗୋଟିଏ ପୃଥିବୀ



ସୁଚରିତା ମହାନ୍ତି

ବୋଉ ମରିବା କଥା ଶୁଣିଲେ ରିମା ଛାତିରେ କେମିତି ଗୋଟାଏ ଛନକା ପଶିଯାଏ, ଆଖି କୋଣରେ ଲୁହ ଜକେଇ ଆସେ ,ଦେହର ରୋମ ଟାଙ୍କୁରି ଉଠେ,ଦେହରୁ ଗମ୍ ଗମ୍ ହୋଇ ଝାଳ ବହିବାକୁ ଲାଗେ ।

ବିଚଳିତ ହୋଇ କ'ଣ ସବୁ ମନକୁ ମନ ଗପି ଚାଲେ ।ଘରେ ଯିଏ ଯେତେ ପଚାରିଲେ ଥମଥମ ହୋଇ ସିଧା ବୋଉ ପାଖକୁ ଧାଇଁ ଯାଇ ବୋଉକୁ ଭିଡ଼ି ଧରେ ଠିକ୍ ଛୋଟିଆ ଛୁଆ ଟିଏ ପରି।

ବୋଉ ର ବୟସ ଲବେ ଛୁଇଁଲାଣି। କିଛି ନା କିଛି ବାର୍ଦ୍ଧକ୍ୟ ସମସ୍ୟା ରେ ସେ କଷ୍ଟ ପାଉଚ଼ନ୍ତି। ବେଳେବେଳେ ବୋଉ କଥା ଛଳରେ କହନ୍ତି, ମୋର ତ ଦିନ ସରି ଆସିଲାଣି, କେତେବେଳେ କ'ଣ ହେବ କିଏ ଜାଣେ! ଜୀବନ ଅଛି ଯେତେ ଯାଏଁ ଏମିତି ବଞ୍ଚିରହିବା କଥା।

ରିମା ଏ କଥା ଶୁଣିଲେ କହେ, ବୋଉ ତମେ ଏମିତି କାହିଁକି ସବୁବେଳେ କହୁଚ଼ କହିଲ ? ଏମିତି କ'ଣ କୁହାଯାଏ,ଆଉ ଏ କଥା କେବେବି ତୁଣ୍ଡରେ ଧରିବନି। ପୁଣି ଭେଁ ଭେଁ ହୋଇ କାନ୍ଦି ପକାଏ।

ବୋଉ ତୁନି କରିଦେଲେ ରିମା ତୁନି ହୋଇଯାଏ।

ରିମା ଦେଖିଛି ତା' ବୋଉ ଙ୍କର ଜୀବନ ବ୍ୟାପି ଯନ୍ତ୍ରଣା ରେ ଜର୍ଜରିତ ମୁହୂର୍ତ୍ତ ମାନଙ୍କୁ। ଅତି ପାଖରୁ ପରଖିଛି ଜୀବନ ଜିଇଁବାର କଳା । ପ୍ରତିଟି ମୁହୂର୍ତ୍ତରେ ବୋଉକୁ ତୁଳନା କରିଚ଼ି ସର୍ବଂସହା ଧରିତ୍ରୀ ଓ ମା' ସୀତା ଙ୍କ ସହିତ।

ସହିବାକୁ ଯେତେ ସବୁ ଛଳନା ବୋଉକୁ ହିଁ ଜଣା। କେବେ କ'ଣ ପ୍ରତିବାଦ କରେ ନା କରିଚ଼ି।

ଜୁଇ ଚ଼ିତାରେ ଜଳିବା ଭଳି ଚୁଲି ଝିଙ୍କାରେ ଅନେକ ବାର ସିଝିସିଝି ଜଳିଚ଼ି।

କେଉଁ କାମ ଅଛପା ନା ଅଜଣା, ସକାଳ,ସଞ୍ଜ, ରାତି କେତେବେଳେ କ'ଣ ହୁଏ ହୁଏତ ଏସବୁ ବୋଉ କୁ ଜଣା ନଥିବ। ତୁଳସୀ ଚ଼ଉରା ପାଖରେ ସଞ୍ଜ ବତୀ ଜଳିବା ରେ କ'ଣ କେବେ ବନ୍ଦ ଅଛି ନା ଶଂଖ ଫୁଙ୍କାରେ କମି ଅଛି।

ବୋଉକୁ ଭୋକ ଶୋଷ ନିଦ କ୍ଳାନ୍ତି କିଛି ବି ଲାଗେନି। ଲାଗିଥିଲେ କ'ଣ ସେ ଚୁପ୍ ରହନ୍ତା କି !

ବୋଉ ପରା ଛ' ଗୋଟି ଛୁଆଙ୍କ ର ମା'।

ବୁଢ଼ା ଶ୍ୱଶୁର ଙ୍କର ଗେହ୍ଲୀ ବୋହୂମା' ।

ଥରେ ଶ୍ୱଶୁର ଯଦି ବୋହୂମା' ବୋଲି ଡାକି ଦିଅନ୍ତି ବୋହୂମା' ଟି ଠିକ୍ ମା' ପରି ସବୁ ଅଳି ଅର୍ଦ୍ଦଳି ବୁଢ଼ା ଶ୍ୱଶୁର ଙ୍କର ପୂରଣ କରି ଦିଅନ୍ତି, ହଁ ଠିକ୍ ମା' ପରି।

ସକାଳ ଠାରୁ କେତେ ଥର ଶ୍ୱଶୁର ବୋହୂ ଚ଼ା' ପିଅନ୍ତି ଯେ, କେବଳ ସେ ଦୁହେଁ ଜାଣନ୍ତି। ଶ୍ୱଶୁର ଙ୍କ ନିତି ନିୟମ ନିଷ୍ଠା ଦେଖିଲେ ଅନ୍ୟ ମାନଙ୍କ ର ହାବେଳି ବାଣ ଛୁଟିଯାଏ କିନ୍ତୁ ବୋହୂମା' ବେଶ୍ ଖୁସି ରେ ସବୁ କାମ ତୁଲେଇ ନିଅନ୍ତି।

ଗୁହାଳ ରେ ଗାଈ, ଠାକୁର ଘରେ ଠାକୁର, ସମସ୍ତେ ଅନେଇ ବସିଥାନ୍ତି ବୋଉ ହାତକୁ।

ପିଲାମାନଙ୍କ ର ଦେହ ଖରାପ ସମୟରେ କେତେ ରାତି ଉଜାଗର ରହି କୋଳରେ ଜାବୁଡ଼ି ଧରି ବସିରହିବା କ'ଣ କିଏ ଦେଖିଚ଼ି, ବାପା ରେ ଧନ ରେ କହି ମୁଣ୍ଡ ଆଉଁସି ଭୋକିଲା ଛୁଆଙ୍କୁ ଖୁଆଇବା କିଏ କ'ଣ ଦେଖିଚ଼ି। କେବେ କିଏ ପଢ଼ି ପାରିଚ଼ି ବୋଉ ମୁହଁରେ ଭଉଁରୀ ଖେଳୁଥିବା ଗଣିତ ମାନଙ୍କୁ। ଢିଙ୍କି ଶାଳ ରେ ଢିଙ୍କିଟା ବି ଭାରି ଅବାଧ ହୋଇ ବସି ରହିଥାଏ,ବୋଉ ପାଦ ରୁ ଧୁକୁମ୍ ଧାକୁମ୍ ହେବାକୁ। ବୋଉ ଧାନ କି ଚ଼ାଉଳ ନକୁଟିବା ଯାଏ ସେମିତି ମୁହଁ ଫୁଲେଇ ରହିଥିବ ଯେ ରହିଥିବ ।

ହାଣ୍ଡି ହାଣ୍ଡି ଦୁଧ, ଦହି, ଘିଅ ରେ ଘର ମହକୁ ଥାଏ ।ଗଲା ଆଇଲା ଲୋକେ ବୋଉ କଥା ପଦେ ଶୁଣିବାକୁ, ହାତ ରନ୍ଧା ଖାଇବାକୁ ଅନେଇ ରହିଥାନ୍ତି।

ସବୁବେଳେ କେହି ହେଲେ ଅତିଥି ଙ୍କ ସେବା ଘରେ ଚ଼ାଲିଥାଏ। ଚ଼ାଷବାସ ମୁଲିଆ ମଜୁରୀ ବାରମାସ ଯାକ ଖଞ୍ଜା ହେଇ ଥାଏ।

ସତରେ ବୋଉ ମୁହଁକୁ ଚ଼ାହିଁଲେ ଲାଗେ ଯେମିତି ମା' ଲକ୍ଷ୍ମୀ ଠାକୁରାଣୀ ଉଭା ହୋଇଚ଼ନ୍ତି।

ରିମା କେବେ ଦେଖିନି ବୋଉର ଦେହ ଖରାପ ହେଇ ବିଛଣାରେ ଶୋଇ ରହିବା।

ବିଚ଼ାରୀ କେତେ ଗେଲ ରେ ସେ ବଢ଼ି ଥିଲା ତା' ବାପ ଘରେ ।ନବମ ଯେମିତି ପଢ଼ି ସାରିଚ଼ି ଅଜା ବାହା ଦେଇଦେଲେ। ବୁଝିଲେନି ଝିଅ ଟା ଏତେ ଦୂରରେ ମାଟି ଘରେ କେମିତି ଚ଼ଳିବ ।

'ଦେଲେ ନାରୀ ହେଲେ ପାରି', ଝିଅ ବୋଝ ମୁଣ୍ଡରୁ ହଟିଲେ ଗଲା ।ନିଜେ ଶିକ୍ଷିତ ହୋଇ ଅଶିକ୍ଷିତ ଭଳି କାହିଁକି ନିଷ୍ପତ୍ତି ନେଇଥିଲେ'ବିସ୍ମିତ କରେ ଭାରି ! ବୋଉ ମୁହଁକୁ ଚ଼ାହିଁ ରିମା ପ୍ରଶ୍ନ ପରେ ପ୍ରଶ୍ନ ନିଜେ ନିଜ କୁ କରିଚ଼ାଲେ।

ବୋଉ ର ସଂଜ୍ଞା କ'ଣ ଯେ? କାହାକୁ ପଚ଼ାରିବ ସେ ?

ରିମା ପାଇଁ ବୋଉ ଗୋଟିଏ ପୃଥିବୀ, ଯେଉଁ ପୃଥିବୀରେ ରିମା ଆଖି ମିଟିମିଟି କରିବା ଶିଖିଛି,ଓଠ ଖୋଲି ହସିବା ଶିଖିଛି,ନରମ ପାଦ ପକେଇ ବାଟ ଚ଼ାଲିବା ଶିଖିଛି, ପୁଣି ଶିଖିଛି ବଞ୍ଚିବା ର କେତେ କେତେ କଳା। ସେଇ ବୋଉ ଏ ଦୁନିଆ ଛାଡ଼ି ଯିବା ପରେ ଆଉ ଏଠି କ'ଣ ଏମିତି ରହିବ ଯେ? ଶୂନ୍ୟତା ଆଉ ଶୂନ୍ୟତା! ବୋଉ ର ଜୀବନ ଦୀପ ଲିଭିଯିବା ସହିତ ରିମା ର ସମସ୍ତ ଅସ୍ତିତ୍ୱ ମଧ୍ୟ ଧୂଳିସାତ ହୋଇଯିବ।

ବାପା ଙ୍କ ଯିବା କୁ ଆଠ ବର୍ଷ ବିତିଗଲାଣି। ଏବେ ବି ତାଙ୍କ ମୁହଁ ବାରମ୍ବାର ରିମା ଆଖି ସାମ୍ନାରେ ଝଲସି ଉଠେ ।ପଚ଼ାରେ ବାବା ଥରେ ଦେଖା ଦିଅନ୍ତନି? ମୋର ଭାରି ଇଚ୍ଛା ହଉଚ଼ି ତମ ସହ କଥା ହେବାକୁ, ତମକୁ ଦେଖିବାକୁ,ମୋ ହାତ ତିଆରି ରୋଷେଇ ତମକୁ ଭଲ ଲାଗେ ବୋଲି କୁହ । ଥରେ ଆସନ୍ତନି ତମ ପାଇଁ ରୋଷେଇ କରିଦିଅନ୍ତି ।ଦେଖୁଚ଼ ବାବା ତମେ ଯିବା ପରେ ଏବେ ବୋଉ ବି ସବୁବେଳେ କହୁଚ଼ନ୍ତି ତମ ପାଖକୁ ଯିବେ, ହେଲେ ତମେ କୁହତ ବାବା ମୁଁ କେମିତି ରହିବି ତମ ଦୁଇ ଜଣଙ୍କ ବିନା।

ରିମା କିଛି ଉତ୍ତର ପାଏନି।

ଦୀର୍ଘ ଶ୍ୱାସ ଏକମାତ୍ର ଆଶ୍ୱାସନା। 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ।'ଏ ମିଛ ସଂସାର ରେ କିଏ ବା ରହିଛି ନା ରହିବ ।

ରିମା ଉଚ୍ଚ଼ ଶିକ୍ଷିତା ହୋଇ ବି ସେ ନିଜକୁ ବୁଝେଇ ପାରେନି ମୃତ୍ୟୁ ଧ୍ରୁବ ସତ୍ୟ ବୋଲି। ସୃଷ୍ଟି ର ନିୟମକୁ କିଏ କ'ଣ ଅଟକି ରଖିପାରିବ, କିନ୍ତୁ ରିମା ବୋଉ ର ମମତା ଡୋରରେ ଏପରି ଛନ୍ଦି ରହିଛି ଯେ, ବୋଉ ଠାରୁ ନିଜକୁ ଦୂରେଇ ରଖିବା ଆଦୌ ସମ୍ଭବ ନୁହେଁ।

ରିମା ପରି ସନ୍ତାନ ମା'ବାପା ଙ୍କର ଅମୃତ ସନ୍ତାନ ପ୍ରାପ୍ତି ଠାରୁ କ'ଣ କମ୍ କି? ବୋଉ ବିଦା ହେବା ପରେ ରିମା କ'ଣ ବଞ୍ଚି ରହି ପାରିବ ତା' ପୃଥିବୀକୁ ଛାଡ଼ି!! ଦୀର୍ଘ ଶ୍ୱାସ ଟା ଶେଷ ଶ୍ୱାସ ହୋଇ ଯିବନି ତ!!

ମାହାଙ୍ଗା, କଟକ

ମୋ :୮୯୧୭୫୭୧୨୦୨

# ଭାଗ୍ୟର ଖେଳ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ନିଜକୁ ତିନୋଟି ପୁଅର ମାଆ ବୋଲି ବହୁତ ଭାଗ୍ୟବାନ ମନେକରୁଥିଲେ ରମାଦେବୀ ।ଗର୍ବରେ ତାଙ୍କ ଛାତି ଫୁଲିଉଠେ ଯେବେ ପାଖ ପଡ଼ୋଶୀ ତାଙ୍କ ତିନି ପୁଅଙ୍କ ଗୁଣ ଗାରିମା କଥା କହି ତାଙ୍କ ପ୍ରଶଂସା କରନ୍ତି । ତିନିହେଁ ଯାକ ଭଲ ପାଠ ପଢ଼ି ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ, କାହିଁକି ଗର୍ବ ନ କରିବେ ଯେ ! କମ କଷ୍ଟ କରିନାହାନ୍ତି ବାପା ମାଆ ଦିଜଣ ତିନି ତିନିଟା ପିଲାଙ୍କୁ ବଢେଇବା ପାଇଁ । ରମେଶ ବାବୁ ସରକାରୀ ଦରମାରେ ବଡ଼ କଷ୍ଟରେ ଘର ଚ଼ଳାଉଥିବେ ବି ପିଲାଙ୍କ ପାଠ ପଢ଼ାରେ ଊଣା କରିନାହାନ୍ତି କେବେ କିଛି । ଅତି ଅଭାବ ପଡିଲେ, ବାପ ଦାଦିଙ୍କ ଠାରୁ ପାଇଥିବା ଜମି ଖଣ୍ଡେ ଖଣ୍ଡେ ବିକ୍ରି କରିଦେଇଛନ୍ତି, ହେଲେ ପିଲାଙ୍କର ଅସୁବିଧା ହେବାକୁ ଦେଇ ନାହାନ୍ତି । କଣ ହେବ ସେ ଜମି ଜମା, ଯାହା ତ ଅଛି ସବୁ ପିଲାଙ୍କ ପାଇଁ । ତା ପରେ ସେମାନେ ବଡ଼ ହୋଇଗଲେ ଘରର ସବୁ ଦାୟିତ୍ୱ ନେବେ ନାହିଁ କି ? ଆଗତ ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖି ବିଭୋର ହୁଅନ୍ତି ବାପାମାଆ । ଏ ଜନ୍ମରେ ତ ଅନ୍ତତଃ ତାଙ୍କର ଆଜୀବନ କିଛି ଅସୁବିଧା ରହିବ ନାହିଁ ବୋଲି ବିଶ୍ୱାସ ଟିଏ ଦାନା ବାନ୍ଧୁଥାଏ ତାଙ୍କ ଅନ୍ତରରେ। ବାର୍ଦ୍ଧକ୍ୟ ସୁଖମୟ ହେବାର ପୂର୍ଣ୍ଣ ବିଶ୍ୱାସ ଦୁହିଁଙ୍କ ମୁଖ ମଣ୍ଡଳକୁ ଉଜ୍ଜ୍ୱଳ କରେ । ଅବସର ନେଲା ପରେ କାହା ଘରେ ରହିବେ, କେଉଁଠିକୁ ବୁଲିବାକୁ ଯିବେ, ସବୁ ତାଙ୍କ ଇଚ୍ଛା ଅନୁସାରେ ହେବା ତ ଥୟ । ଏବେ ଟିକେ କଷ୍ଟ କରିଦେଲେ ଗଲା । ଏହି ବିଚ଼ାର ଜନିତ ଆଶ୍ୱସ୍ତି ଦମ୍ପତିଙ୍କ ମନରେ ସଦା ରହିଥାଏ । ସେଥିପାଇଁ ପାଇଁ ତ ବାର୍ଦ୍ଧକ୍ୟ ପାଇଁ କିଛି ସଞ୍ଚୟ କରିବାକୁ ଉଚିତ ମଣି ନାହାନ୍ତି ସୁରେଶ ବାବୁ । ପୁଅମାନଙ୍କ ସହ ଖୁସି ଜୀବନ ବିତେଇବାର ଯୋଜନା ତାଙ୍କ ମସ୍ତିଷ୍କ କେବେଠାରୁ କରି ସାରିଛି । ଦାରୁଣ ଭାଗ୍ୟ ର କି ଖେଳ ! ତିନି ତିନି ଟା ପୁଅର ମାଆ, ଆଜି ପରିଣତ ବୟସରେ ନିଜେ ରୋଷେଇ କରି ଖାଇବାକୁ ବାଧ୍ୟ ହେଉଛି । ସୁରେଶ ବାବୁଙ୍କ ମୃତ୍ୟୁ ପରେ ରମାଦେବୀ ଯେମିତି ହଠାତ ବୋଝ ପାଲଟି ଯାଇଛନ୍ତି ସେମାନଙ୍କ ପାଇଁ କ୍ଷ ବାପାଙ୍କ ପେନସନ୍ ଲୋଭରେ ସମସ୍ତେ କିଛି କିଛି ଦିନ ପାଳି କରି ତାଙ୍କୁ ଘରେ ରଖିଲେ । ବୟସ ବଢ଼ିବାରୁ ମାଆର ବି ଉଚ୍ଚ ରକ୍ତଚାପ, ମଧୁମେହ ରୋଗ ବାହାରି ପଡିଲା । ପେନସନ ତକ ତାର ନିୟମିତ ଚ଼ିକିତ୍ସା, ଔଷଧ ଆଉ ଟିକେ ଭଲମନ୍ଦ ଖାଇବାରେ ଶେଷ । ପୁଅମାନେ ଦେଖିଲେ ମାଆକୁ ଏବେ ପାଖରେ ରଖିଲେ ଲାଭ ଠାରୁ ବରଂ ଖର୍ଚ୍ଚ ଅଧିକ । ଜଣେ ଅନ୍ୟ ଜଣଙ୍କୁ ମାଆର ଦାୟିତ୍ୱ ନେବାକୁ କହିଲେ ନିଜର ଭିନ୍ନ ଭିନ୍ନ ଅସୁବିଧା ଦେଖାଇ । ରମାଦେବୀ ବୁଝି ପାରିଲେ ତାଙ୍କ ସିଆଣିଆ ପୁଅ ମାନଙ୍କ ମନକଥା । ନିଜ ସ୍ୱାମୀ ଗଢ଼ିଥିବା ଗାଁ ର ପରିତ୍ୟକ୍ତ ଘରକୁ ଫେରିଯିବା ପାଇଁ ସେ ନିଷ୍ପତ୍ତି ନେଲେ । ଉପରେ ଉପରେ ପୁଅମାନେ ବହୁତ ମନ ଦୁଃଖ କଲେ, ମାଆକୁ ମନା ବି କଲେ ନ ଯିବା ପାଇଁ । ହେଲେ ମାଆ ତ, ପିଲାମାନଙ୍କର ମନକଥା ଜାଣିବା ପରେ ସେମାନଙ୍କ ସହ ଦଣ୍ଡେ ହେଲେ ଆଉ ରହିବାକୁ ଚ଼ାହିଁଲେ ନାହିଁ । ଶେଷ ନିଶ୍ୱାସ ନିଜ ସ୍ୱାମୀ ତୋଳିଥିବା ଘରେ ନେଲେ ହିଁ ମୁକ୍ତି ଅଛି, ଭାବି ଏକୁଟିଆ ଗାଁ ରେ ରହିବାକୁ ଲାଗିଲେ ।

ପରଳ ପଡ଼ିଥିବା ଆଖିରେ ଭଲରେ କିଛି ଦେଖାଯାଏନି ବୋଲି ଦିନକୁ ଥରେ କଣ ଗଣ୍ଡେ ଫୁଟେଇ ଦେଇ ଦିନଯାକ ସେୟାକୁ ଖାଇ ଦିଅନ୍ତି ରମାଦେବୀ କ୍ଷ ଦେହ ପା ' ଅସୁଖ ଦିନ ଚୁଲି ନ ଜାଳି ପାରିଲେ ଶୁଖିଲା ମୁଢି କି ଚୁଡ଼ା ପାଟିରେ ପକେଇ ନିଜ ଭାଗ୍ୟ କୁ ନିନ୍ଦନ୍ତି । କେତେଥର ଝାଡା, ପରିସ୍ରା ଗଲା ବେଳେ ଶିଉଳି ଲଗା ଭୂଇଁ ଉପରେ ପାଦ ଖସି ପଡିଯାଇଛନ୍ତି । ମୁଣ୍ଡରେ, କହୁଣୀରେ ବାଜି କ୍ଷତ ସୃଷ୍ଟି ହୁଏ । ପୁଣି ଉଠି ନିଜେ ମଲମ ଲଗାଇ ନିଜକୁ ବୋଧ ଦିଅନ୍ତି ସେ । ଏମିତି ନୁହେଁ ଯେ ଯନ୍ତ୍ରଣା ହୁଏ ନାହିଁ, ହେଲେ ସେ କଷ୍ଟ ତାଙ୍କ ଅନ୍ତରର ଯନ୍ତ୍ରଣା ଠାରୁ ର କମ । ନିତି ଠାକୁରଙ୍କ ପାଖରେ ମୃତ୍ୟୁ ପାଇଁ ପ୍ରାର୍ଥନା କରନ୍ତି, ' କାହିଁକି ନେଇ ଯାଉନାହଁ ଠାକୁରେ, ଏ ଜୀବନ ଥାଇ ଆଉ କି ଲାଭ କାହାର ତ କିଛି ଆଉ କାମରେ ଆସୁନାହିଁ ମୁଁ, କାହିଁକି ଏକାକୀ କଷ୍ଟ ଭୋଗିବାକୁ ବଞ୍ଚ?ଇ ରଖିଛ ମୋତେ ! '

ସ୍ୱାମୀ ସୁରେଶଙ୍କ ଫୋଟୋ ଆଗରେ ଛିଡା ହୋଇ ନିଜ ଭାଗ୍ୟକୁ ନିନ୍ଦନ୍ତି । ' ତିନି ପୁଅ ହେଲେ ବୋଲି କେତେ ଖୁସି ହେଉଥିଲ, ଆମେ କେତେ ଭାଗ୍ୟବାନ ବୋଲି ଚ଼ାରିଆଡେ କହି ବୁଲୁଥିଲ, ମାତ୍ର ସେଇ ତିନି ପୁଅଙ୍କ ସେବା, ସ୍ନେହ, ସାନ୍ନିଧ୍ୟ ଆମ ଭାଗ୍ୟରେ ନାହିଁ । କେଉଁ ଜନ୍ମରେ କି ପାପ କରିଥିଲି ବୋଧେ, ତାର ଫଳ ଭୋଗିବାକୁ ବାକି ଜୀବନ ଏକୁଟିଆ ବିତେଇବାକୁ ହେଉଛି । '

ଥର ଥର ହାତରେ ଘରକାମ କଲା ବେଳକୁ ତାଙ୍କର ମନ କଷ୍ଟ ହୁଏ ସିନା, ତଥାପି ପରମେଶ୍ୱରଙ୍କ ପାଖରେ ତିନି ପୁଅଙ୍କ ଶୁଭ ମନାସି ପ୍ରତିଦିନ ଦୀପ ଟିଏ ଜାଳିବାକୁ ଭୁଲନ୍ତି ନାହିଁ ସେ ।

ନିଜ ଭାଗ୍ୟ କୁ ନେଇ କେତେ ଯେ ଗର୍ବ କରୁ ନ ଥିଲେ ସେ ! ଏବେ ନିଜ ଭାଗ୍ୟରେ ତର୍ଜମା କରି ପ୍ରାୟ ସବୁଦିନ ଏମିତି ତାଙ୍କ ଆଖିରୁ ଲୁହ ବୋହିଯାଏ ।

ଫୋନ - ୬୩୭୦୫୧୬୪୭୮

ଭୁବନେଶ୍ୱର - ୨

## ଭାବନାର ଚ଼ିତ୍ର

ଜଗଦୀଶ ପଣ୍ଡା



ସ୍ୱପ୍ନ ସବୁକୁ ଆଙ୍କିବାର ପ୍ରଚେଷ୍ଟା
ଅସ୍ତବ୍ୟସ୍ତ କରୁଥିବା କିଛି ଭାବନା
ଅଚ଼ାନକ ଆଖି ଆଗକୁ ଆସୁଥିବା
ସେହି ଦୃଶ୍ୟପଟ୍ଟ ସବୁ
ସତରେ, କେତେ ସୁନ୍ଦର।
ସେହି ସୌନ୍ଦର୍ଯ୍ୟ ଭିତରେ
ହଜିଗଲା ପରେ
ହଠାତ ଅଜାଣତରେ,
ସମୟର ସଡ଼କରେ
ବୟସର ମୋଡରେ
ନୂତନ ଯାତ୍ରାର ଆରମ୍ଭ
ନବଦିଗନ୍ତର ସନ୍ଧାନରେ,
କିନ୍ତୁ କାହିଁକି କେଜାଣି
ସେ ରାସ୍ତାର ଏକାକିତ୍ୱର ରାଜତ୍ୱ
କଳ୍ପନାର ମୌନବ୍ରତ
ବୋଧହୁଏ କିଛି ରହିଯାଇଛି ଅଧୁରା
ପୁଣି ଫେରିବାକୁ ହେବ
ସେଇ ପୁରୁଣା ରାସ୍ତାକୁ
ଆଙ୍କିଦେବାକୁ ହେବ କଳ୍ପନାର
କାନଭାସରେ
ଅନେକ ଅନାବନା ଭାବନା ସବୁ
କିନ୍ତୁ ହାୟ !
ପଛକୁ ଫେରି ଦେଖେ ତ,
ମୁଁ ରଙ୍ଗ ଆଉ ତୂଳୀ ହଜେଇ ଦେଇଛି।
ବେଳେବେଳେ ଭାବେ
ପଛକୁ ଫେରି ଦେଖନ୍ତି
ସ୍ମୃତିର ପଛପଟ୍ଟରେ ସାଇତିଥିବା
ଭାବନାର ଗନ୍ତାଘର ସବୁ
କିନ୍ତୁ ବାସ୍ତବରେ ଲାଗେ
ହଜାଇ ଦେଇଛି ସେଇ ଭାବନା ସବୁ
ନୂତନତ୍ୱରେ ଆଜି ମୁଁ।
ଇଚ୍ଛା ହୁଏ ପୁଣି ଭାବନାର
ସେଇ ଫୁଲକୁ ଗୁନ୍ଥିବାକୁ ଶବ୍ଦର
ବ୍ୟବହାରରେ
କିନ୍ତୁ ଏବେ ଏମିତି ଲାଗୁଛି
ସତରେ ସେ ଶବ୍ଦ କିଛି
ହଜିଯାଇଛି ନିରବତାରେ...

ଅଲାଡିଗାଁ, ଗଂଜାମ

## ତୁମ ସ୍ମୃତି

ରମାକାନ୍ତ ଦାସ



ପ୍ରୀତିର ପରିଧି ଭିତରେ
ମୋ ହୃଦୟ ସିନ୍ଦୁକରେ
ମୁଁ ସାଇତିଛି ତୁମ ସ୍ମୃତିକୁ
ତୁମ ସ୍ମୃତିର ବିରହ ଜ୍ୱାଳାରେ
ମୁଁ ନିତି ଜାଳୁଥାଏ ନିଜକୁ ॥

ତୁମ ପ୍ରୀତି ଝରା ସ୍ମୃତି
ସାଇତି ରଖିଛି
ମୋ ହୃଦୟ ଫରୁଆରେ
ତୁମ ଅଭୁଲା ସ୍ମୃତିକୁ ହୃଦୟ ଝୁରୁଛି
ଝୁରିହୁଏ ନିରନ୍ତରେ ॥

ମୋ ମିଠା ଭାବନାରେ
ମନେପଡ ତୁମେ
ଶିହରୀ ଉଠେ ମୋ ହୃଦୟ
ତୁମ ଭାବନାରେ ନିଜକୁ ଜାଳଇ
ଓଠ ପିଇଯାଏ ଆଖି ଲୁହ ॥

କେବେ ଛୁଇଁଯାଅ ତୁମେ
ଶୀତଳ ଛୁଆଁରେ
ଉଜ୍ଜୀବିତ କରିଦିଅ କେତେ ଭାବନା
ଚ଼ାଲିଯାଅ ତୁମେ ବର୍ଷା ଛିଟା ପରି
ତୁମବିନା ମୁଁ ରହି ପାରେନା ॥

ତୁମ ମଧୁର ସ୍ମୃତିରେ
ଓଠ ଧାରେ ମୋର
ନିତି ଫୁଟଇ ହସ
ତୁମ ଅପେକ୍ଷାରେ ବିତିଯାଏ ଦିନ
ବିତିଯାଏ ବର୍ଷ ମାସ ॥

ତୁମ ପ୍ରେମର ପହିଲି ଶ୍ରାବଣେ
ମନ ଭିଜୁଥାଏ
କିବା ଦିନ କିବା ରାତି
ମୋ ନିରୀହ ହୃଦୟ ଖୋଜୁଥାଏ ନିତି
ତୁମରି ଅଭୁଲା ସ୍ମୃତି ॥

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ପ୍ରଶ୍ନ ନିଜକୁ କରିଛି

ଡ.ମନୋରଞ୍ଜନ ବିଷୋୟୀ

ବେଳେବେଳେ
ମୁଁ ନିଜକୁ ପଚାରେ
ନିଜ ସଂପର୍କରେ
କେମିତି ଅଛି ମୁଁ ?
ଦୋଷ ନ କରି
ଅପବାଦ ସହିଛି
ପାଇ ହରାଇ ଦେବାର
ଯନ୍ତ୍ରଣାରେ ଜୀଇଁଛି
ମୁହୂର୍ତ୍ତକ ଭିତରେ
ହାତ ପାଆନ୍ତାରେ ଥିବା
ବିପୁଳ ଐଶ୍ୱର୍ଯ୍ୟ
ଉଭେଇ ଯାଇଛି ।
ତୁଳିତଳ୍ପ ଶଯ୍ୟା
ମୋ ପାଇଁ ଆଜି
ଶରଶଯ୍ୟାରେ
ପରିଣତ ହୋଇଛି ।
କାହିଁକି କ୍ରିଛି
ନିଜକୁ ପଚାରି
କିଛି କ'ଣ ଉତ୍ତର ପାଇଛି ?
ତଥାପି,
ଯନ୍ତ୍ରଣାର ନିଆଁରେ
ନିଜକୁ ଆଉଟି
ସୁନାପରି ନୂଆ ଜୀବନର
ଅପେକ୍ଷା ରଖିଛି ।

ଦାମୋଦରପୁର,
ଗଂଜାମ-୭୬୧୦୨୬
ସଂପର୍କ: ୮୮୯୫୧୪୧୭୨୭

## ତୁମେ ମୋର

କଳ୍ପନା ମିଶ୍ର



ରାଧା ପରି ପ୍ରେମ କରିଥିଲି ସାଥି
ମୀରା ପରି ଝୁରି ମରୁଛି
ବେଦନା ବିଧୁର ଜୀବନେ ମୋହର
ତୁମ ନାମ ଖାଲି ଜପୁଛି ।

ଦିନ ଗଡିଯାଏ ରାତି ପାହି ଯାଏ
ପ୍ରତୀକ୍ଷା କି ମୋର ସରୁଛି
ମୋ ପ୍ରେମର ମୂଲ୍ୟ ବୁଝିଲନି ବୋଲି
କେତେ ଦୁଃଖ ମୁଁ ଯେ ସହୁଛି ।

ତୁମେ ମୋର ଚ଼ାନ୍ଦ ମୁଁ ତୁମ କୁମୁଦ
ମିଳନ କି ଆମ ହୋଇବ
ପ୍ରୀତି ସମ୍ଭାଷଣ ଦେଇଛ ପଠାଇ
ପଢିଲେ କି ମନ ବୁଝିବ ?

ହରିପୁର, ସୁକିନ୍ଦା, ଯାଜପୁର
ମୋ :୮୮୪୭୮୪୯୦୯୩

## ସୁନା ଭଉଣୀର ସୁନେଲି ରାକ୍ଷୀ

ଲୀଳାବତୀ ପରିଡ଼ା

ଶୀର୍ଷକ -'' ସୁନା ଭଉଣୀର ସୁନେଲି ରାକ୍ଷୀ
ପବିତ୍ର ବନ୍ଧନ ଅମ୍ଳାନ ସାକ୍ଷୀ।''
ଲୀଳାବତୀ ପରିଡ଼ା, ଢେଙ୍କାନାଳ
ସୁନା ଭଉଣୀର ସୁନେଲି ରାକ୍ଷୀ
ପବିତ୍ର ବନ୍ଧନ ଅମ୍ଳାନ ସାକ୍ଷୀ।
ଆମ ସଂସ୍କୃତି ଆମ ପରମ୍ପରା
ସବୁଠୁ ମଧୁର ଆଉ ନିଆରା।
ବଳଭଦ୍ର ଙ୍କ ର ଜନମ ତିଥି
ଗୋମାତା ପୂଜନ ଅନନ୍ୟ ବିଧି।
ଭାଇ ଭଉଣୀର ଅତୁଟ ପ୍ରେମ
ରାକ୍ଷୀ ବନ୍ଧା ଅଟେ ତା ନିଦର୍ଶନ।
ରାକ୍ଷୀ ଜାଣେନା ରକ୍ତର କି ପର
କରିଦିଏ ପରକୁ ଆପଣାର।
ରକ୍ତର ଭଉଣୀ ଆମରି ପାଇଁ
ନୁହଁଇ କେବଳ ଭଉଣୀ ଭାଇ।
ରାକ୍ଷୀ ରଖେ ପରା ଭଉଣୀ ମାନ
ତେବେ କାହିଁ ହୁଏ କୁକର୍ମ ମାନ।
ରାକ୍ଷୀ ବନ୍ଧନରେ ଏହି ସନ୍ଦେଶ
ଶପଥ କରିବା ହୋଇ ହରଷ।
ମାଆ ଭଉଣୀ ଙ୍କୁ ସମ୍ମାନ କର
କୁକର୍ମ ଦେଖିଲେ ବିରୋଧ କର।
ନାରୀଙ୍କୁ ସମ୍ମାନ ଦିଅ ହେ ଭାଇ
ଖ ରାକ୍ଷୀ ବନ୍ଧା ମର୍ଯ୍ୟାଦା ଭାଇ।

## ସ୍ମୃତି

ସୁରାତ୍ରୀ ପ୍ରଧାନ



ଜୀବନର ସ୍ମୃତି କିଛି ଅନୁଭୂତି
ସାଇତିଛି ହୃଦୟରେ
ମନେ ପଡିଗଲେ ମନେ ମନେ ଖୋଜେ
ଫେରି ଆସିବକି ଥରେ ॥
ଜହ୍ନରେ ମୋ ସ୍ମୃତି ଉଙ୍କି ମାରେ ଯେବେ
ବଉଦ ଫାଙ୍କରେ ଥାଇ
ତାରା ସେଜ ପରେ ଘୁମେଇ ପଡିଲେ
ନିରେଖି ମୁଁ ଦେଖୁଥାଇ ॥
ବାତାୟନ ସାଥେ ସ୍ମୃତି ମୋ ଘୁରୁଛି
ଶୀତଳ ସମୀର ସାଥେ
ଫୁଲରୁ ଫୁଲକୁ ଉଡି ବୁଲୁ ଥିଲେ
ଖୋଜେ ଧରିବାକୁ ହାତେ ॥
ଆଦ୍ୟ ଆଷାଢ଼ ରେ ସ୍ମୃତି ମୋ ଭିଜୁଛି
ଟୋପି ଟୋପି ବରଷାରେ
ଭସାଇ ଦେଇଛି କାଗଜ ଡଙ୍ଗା ମୋ
ତୋଳି ଆଣିବାକୁ ଧୀରେ ॥
ଲୁହରେ ମୋ ସ୍ମୃତି ହସରେ ମୋ ସ୍ମୃତି
ନ ଥିଲେ ବି ପାଶେ ମୋର
ଅନୁଭବ କରେ ମୋ ଚ଼ାରି ପାଖରେ
ରହିଅଛି ନିରନ୍ତର ॥

କୁସୁପୁର, ଗୋପ, ପୁରୀ
ସମ୍ପର୍କ - ୭୦୦୮୨୬୦୫୧୬

## ଦେବଶିଳ୍ପୀ ବିଶ୍ୱକର୍ମା

ନିରଞ୍ଜନ ସାହୁ



ସ୍ୱାଗତମ ସ୍ୱାଗତମ
ଦେବଶିଳ୍ପୀ ସ୍ୱାଗତମ
ତୁମ ହାତଗଢ଼ା ସୃଷ୍ଟି
ସବୁଠାରୁ ଅନୁପମ ।
ଦେବତାଙ୍କ ଶିଳ୍ପୀ ତୁମେ
ଗ ?ିଅଛ ଏହି ସୃଷ୍ଟି
ଶିଳ୍ପୀକୁଳ ପ୍ରତି ସଦା
ଥାଏ ତୁମ ଶୁଭ ଦୃଷ୍ଟି ।
ଗ ?ିଅଛ ତିନିପୁର
ଖଞ୍ଜିଅଛ ଯାହା ଯଥା
ତିନିପୁରେ ରହିଅଛି
ତୁମ ଯଶକୀର୍ତ୍ତି କଥା ।
କନ୍ୟା ସଂକ୍ରାନ୍ତିରେ ଚ଼ାଲେ
ପୂଜା ତୁମ ସବୁଠାରେ
ତୁମ ଆଶୀର୍ବାଦ ଥିଲେ
ଶିଳ୍ପୀକୁଳ କାହିଁ ହାରେ ?
ଗଢିଛ ସ୍ୱର୍ଗରେ ତୁମେ
ଅମରାବତୀ କଟକ
ମର୍ତ୍ତ୍ୟରେ ସୁବର୍ଣ୍ଣ ଲଙ୍କା
ରାବଣ ପୁର ଛଟକ ।
ଆହେ ଦେବଶିଳ୍ପୀ ଘେନ
ଶିଳ୍ପୀକୁଳ ନମସ୍କାର
ତୁମ ଆଶୀର୍ବାଦ ପ୍ରଭୁ
ଆମ ପାଇଁ ପୁରସ୍କାର ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :-୯୯୩୮୭୪୧୫୮୩

## ଡାକ୍ତର ଶଙ୍କର ରାମଚ଼ନ୍ଦାନି

ସୁନୀଲ କୁମାର ପ୍ରଧାନ



ଆମ ଓଡ଼ିଶାରେ ଜନ୍ମିଛନ୍ତି ସିଏ
ଏମିତି ଜଣେ ଡାକ୍ତର
ଏକ ଟଙ୍କା କ୍ଲିନିକ୍ ଚ଼ାଲିଛନ୍ତି ସେ
ନାମ ଅଟଇ ଶଙ୍କର ।
ବହୁ ରୋଗୀଙ୍କର ସେବା କରିଥାନ୍ତି
ଉପକୃତ ହୁଏ ରୋଗୀ
ତାଙ୍କରି ପରିକା ଆଉ କେ ଅଛି କି
ଅଟନ୍ତି ଯେ ବଡ଼ ତ୍ୟାଗୀ ।
ନିଜର କାରକୁ ରୋଗୀଙ୍କ ସେବାରେ
ନିୟୋଜିତ କରିଛନ୍ତି
ଏକ ଏକ କରି ସବୁ ରୋଗୀଙ୍କୁ ସେ
ଚ଼ିକିତ୍ସା ଭାଇ କରନ୍ତି ।
ପୁରା ନାମ ଶଙ୍କର ରାମଚ଼ନ୍ଦାନି
ସବୁଠି ସେ ପରିଚ଼ିତ
ରୋଗୀଙ୍କ ସେବାରେ ମନ ପ୍ରାଣ ଥାଏ
ହସ ତାଙ୍କ ମୂରିତ ।
ସାମାଜିକ ଗଣମାଧ୍ୟମରେ ମୁହିଁ
ଦେଖିଅଛି କେତେ ସେବା
ଧନ୍ୟ ତାଙ୍କ କାର୍ଯ୍ୟ ଅଟଇ ମହାନ
ଲାଗେ ସତେ ମନଲୋଭା ।
ପ୍ରଭୁ କାଳିଆକୁ କରେ ନିବେଦନ
ଆଶୀର୍ବାଦ ପଡୁ ଝରି
ସେବାକୁ ଯେ ବ୍ରତ କରିଛନ୍ତି ସିଏ
କିଏ ଅଛି ତାଙ୍କ ପରି ?

ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬

## କିଏ ଏ ସଂସାରେ ବହୁତ ଦୁଃଖୀ

ଭାସ୍କର ରାଉତ



ଚ଼ାଷ ବାସ ହୀନ ଅଟେ ଯେଉଁ ଜନ
ସଭିଙ୍କ ଠାରୁ ସେ ଖୁସି
ପ୍ରକୃତିର କୋଳେ ସଦା ସେହି ଚ଼ଳେ
ଅଟେ ସରଳ ବିଶ୍ୱାସୀ।
ଖରା ବରଷାକୁ ଶୀତ କାକରକୁ
ନଥାଏ ତାହାର ଡର
ବୃକ୍ଷର ଛାୟାରେ ପାହାଡ଼ ଖୋଲରେ
ବିତାଏ ଜୀବନ ତା'ର।
ମଧ୍ୟବିତ୍ତ ଯେହି ଦୁଃଖ କଷ୍ଟ ସହି
ଚ଼ଳାଏ ତା'ର ସଂସାର
ସାଧାରଣ ଦୁଃଖୀ ହୋଇ ନିରିମାଖି
ସୁଖ ଖୋଜେ ନିରନ୍ତର।
ସବୁଠୁଁ ସଂସାରେ ବଡ଼ ଦୁଃଖୀଟିରେ
ଆଜିର ନେତା ମନ୍ତିରୀ
ନିର୍ବାଚ଼ିତ ହୋଇ କ୍ଷମତା ନଥାଇ
ବୁଲୁଥାନ୍ତି ଘିରି ଘିରି।
ସଚ଼ିବଙ୍କ ପାଇଁ ବ୍ୟବସ୍ଥା କରଇ
ସଭା ସମିତିର ପାଇଁ
ମଞ୍ଚରେ ନଥାଇ ବାହାରେ ଘୁରଇ
ସଭାର ସଫଳ ପାଇଁ।
ନୋହିଲେ ଆଗକୁ ଟିକଟ ତାହାକୁ
ଦଳରୁ ମିଳିବ ନାହିଁ
ଦିନ ରାତି ଏକ କରି ଦେଇ ଦେଖ
ଖଟୁଥାଇ ସଦା ସେହି।
ଦେଖି ତାଙ୍କ ଦସା ଉଡ଼ିଯାଏ ହଂସା
ହେବିନି ନେତା ମନ୍ତିରୀ
ମାନବ ଧର୍ମକୁ ପାଳିବି ତାହାକୁ
ଦୁଃଖିଜନ ସେବାକରି।

ଦେବମାୟା ଭବନ
ଶେରଗଡ଼, ଗଞ୍ଜାମ
ମୋ -୯୭୭୬୪୮୬୬୨୮

## ଶ୍ରାବଣୀ ଗୋ ତୁମେ ଶ୍ରାବଣରେ ଭିଜ

କବିରତ୍ନ ନୂତନ କୁମାର ବେହେରା



ପ୍ରକୃତିରାଣୀ ପରି ହୋଇ
ନବ ରୂପେ ସୁସଜ୍ଜିତା
ତୁମେ ଦିଶ କି କମନୀୟା ଲୋଭନୀୟା
ଛୁଇଁ ଯାଅ ମୋ ହୃଦୟର
କୋଣ ଅନୁକୋଣକୁ
ପ୍ରାଣର ପ୍ରତି ସ୍ପନ୍ଦନେ ଜାଗେ ଉନ୍ମାଦନା
ତୁମ ଯାଦୁକରୀ ଲାବଣ୍ୟରେ
ମୁଗ୍ଧ ସ୍ତବ୍ଧ ହୁଏଁ ଆଜ
ଶ୍ରାବଣୀ ଗୋ ତୁମେ ଶ୍ରାବଣରେ ଭିଜ
ପଲ୍ଲବିତ ସବୁଜିମା ସମ ତୁମ
ତନୁଲତା ଶିରୀ
ଭାବ ଭାବନାରେ ଦିଏ
ପ୍ରୀତି ଅନୁରାଗ ସଞ୍ଚାରି
ଆଗତ ପ୍ରାପ୍ତି ବିଗତ ସ୍ମୃତି
ହୁଏ ସବୁ ସତେଜ
ଶ୍ରାବଣ ତରୁଣ ସାଜି ବର୍ଷାର
ପ୍ରେମେ ଯାଏ ମାତି
ଧରା ପୃଷ୍ଠ ଅଦ୍ରି ବା। ଆଦ୍ର
କରି ଝରାଏ ଝର
ତା'ର ପରଶେ ହରଷେ
ନାଚ଼ଇ ତୁମ ଅଙ୍ଗରାଜି
ନିଆରା ଅନୁଭବ ହୁଏ ପ୍ରୀତି
ବରଷାରେ ଭିଜି
ସିକ୍ତ ଚ଼ିତ୍ତ ଚୈତନ୍ୟ ଆବେଗରେ ମଜି
ସାନ୍ନିଧ୍ୟର ଆନନ୍ଦରେ
ମଧୁ ରାତି ଯାଏଁ ବିତି
ଅପୂର୍ବ ପାର୍ଥିବ ସ୍ମୃ ଭରି
ଦିଅଇ ଏ ମନସିଜ
ଶ୍ରାବଣୀ ଗୋ ତୁମେ ଶ୍ରାବଣରେ ଭିଜ
ଯୌବନ ନଈରେ ମାଡ଼ି ଆସେ
ଅନିୟନ୍ତ୍ରିତ ବଢ଼ି
ବୁଡ଼ାଏ କୂଳ ଜଳେ ପ୍ଳାବିତ
ସ୍ଥଳ ନିଏ ତାଡ଼ି
ସୃଷ୍ଟିର ସାର୍ଥକେ ପ୍ରାଣୀ
ପ୍ରାଣ ହୁଏ ମଧୁମୟ
ଲାଗେ ଏ କି ଜୀବନ ଯନ୍ତ୍ରଣାର
ଲାଘବେ ଅମିୟ
ଆକାଶ ତୋଳେ ମେଘ ମହ୍ଲାରର ରାଗ
ବିଜୁଳି ଖେଳେ ତାର
ବୁକେ ହୋଇ ସଂଯୋଗ
କାନ୍ତ କାନ୍ତା ମିଳନରେ
ଆଣିଦିଏ ସୁବର୍ଣ୍ଣ ସୁଯୋଗ
ମୟୂର ମୟୂରୀ ବି ହୁଅନ୍ତି ଭାବେ ବିହ୍ୱଳ
କଳାମେଘ ଦେଖି ନୃତ୍ୟ
ଛନ୍ଦେ ରଚ଼ନ୍ତି ରାସ
ବରଷା ଋତୁ ଜଗତ ଜନ
ମନର କରେ ମଙ୍ଗଳ
ଜୀବନ ଜିଇଁବା ଲାଗେ
ସଂସାରରେ ସହଜ
ଶ୍ରାବଣୀ ଗୋ ତୁମେ
ଶ୍ରାବଣରେ ଭିଜ...।

କୋହି, ବାରିପଦା, ମୟୂରଭଞ୍ଜ।
ମୋ.ନଂ.୮୦୧୮୩୫୩୩୨୨




# ଭ୍ରମଣ ସାହିତ୍ୟର ଜନକ: ରହୁଲ ସାଂକୃତ୍ୟାୟନ



ରହୁଲ ସାଂକୃତ୍ୟାୟନ ଥିଲେ ଜଣେ ବିଶିଷ୍ଟ ହିନ୍ଦୀ ସାହିତ୍ୟକାର। ତାଙ୍କୁ ମହାପଣ୍ଡିତ ଉପାଧିରେ ସମ୍ବୋଧନ କରାଯାଇ ଥାଏ। ସେ ଜଣେ ପ୍ରତିଷ୍ଠିତ ବହୁଭାଷାବିତ୍ ଥିଲେ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେ ଭ୍ରମଣ କାହାଣୀ ତଥା ବିଶ୍ୱ ଦର୍ଶନ କ୍ଷେତ୍ରରେ ଲେଖନୀ ଚାଳନା କରି ବିଶେଷ ପ୍ରସିଦ୍ଧି ହାସଲ କରିପାରିଥିଲେ। ତାଙ୍କୁ ହିନ୍ଦୀ ଭ୍ରମଣ ସାହିତ୍ୟର ଜନକ ବୋଲି କୁହାଯାଇ ଥାଏ। ସେ ବୌଦ୍ଧ ଧର୍ମ ଉପରେ ଗବେଷଣା କରିଥିଲେ। ତିବ୍‌ବତ୍‌ଠାରୁ ଶ୍ରୀଲଙ୍କା ପର୍ଯ୍ୟନ୍ତ ଭ୍ରମଣ କରିଥିଲେ। ଏହାଛଡ଼ା ସେ ମଧ୍ୟ ଏସିଆ ମଧ୍ୟ ଭ୍ରମଣ କରିଥିଲେ। ଭ୍ରମଣ କରିଥିବା ସ୍ଥାନରୁ ସେ ଅତି ଦୁର୍ଲ୍ଲଭ ଗ୍ରନ୍ଥ ସଂଗ୍ରହ କରିଥିଲେ। ସେହିସବୁ ଗ୍ରନ୍ଥ ଉପରେ ଗବେଷଣା କରି ସେ ବହୁ ଉପାଦେୟ ପୁସ୍ତକ ରଚନା କରିଯାଇଛନ୍ତି। ସେ ଅନେକ ଭ୍ରମଣ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଜୀବନୀ ଲେଖିଯାଇଛନ୍ତି। ସେ ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣୀତ ଥିଲେ। ସେଥିପାଇଁ ସେ ଲେନିନ୍, ଷ୍ଟାଲିନ୍, କାର୍ଲମାର୍କସ୍, ମାଓ ସେ ତୁଙ୍ଗଙ୍କ ଭଳି ବାମପନ୍ଥୀ ଦାର୍ଶନିକ ଜୀବନୀ ଲେଖିଥିଲେ। ସାଂକୃତୟନଙ୍କ ସ୍ମୃତିରେ ଭାରତର ସରକାରଙ୍କ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପକ୍ଷରୁ ଭ୍ରମଣ ସାହିତ୍ୟକୁ ପ୍ରୋତ୍ସାହନ ଦେବା ଲାଗି ରାହୁଲ ସାଂକୃତାୟନ ଜାତୀୟ ପୁରସ୍କାର ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଭ୍ରମଣ ଗବେଷଣା କ୍ଷେତ୍ରକୁ ଅବଦାନ ପାଇଁ ମହାପଣ୍ଡିତ ରହୁଲ ସାଂକୃତାୟନ ୧୮୯୩ ମସିହା ଏପ୍ରିଲ ୯ ତାରିଖରେ ଉତ୍ତର ପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ପାଣ୍ଡହା ଗ୍ରାମରେ ଜନ୍ମ ନେଇଥିଲେ।



**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
**E-mail : badal009bhuyan@gmail.com**

# ବିଷ ବଳୟରେ ୯୦% ଭାରତୀୟ

## —ଅଧିକ ସଂକ୍ରମିତ ହେବେ ଶିଶୁ—



ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ। ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା। ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ। ବିଷାକ୍ତ ବାୟୁରେ ଏହା ଭରପୁର। ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତତି। ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି। ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି। ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ୍ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି। ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ)। ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ। ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫)। ଡବ୍ଲ୍ୟୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ। ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ। ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ୍ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋକ ବୃଦ୍ଧି କରିପାରେ। ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି। ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି। ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି। ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି। ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ। ମିଳୁନି ମୁକ୍ତ ଅମ୍ଳଜାନ। ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ। ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ୍ ସମ୍ପର୍କିତ ସୂଚନା ସ୍ଥାନ ପାଇଛି। ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି। ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି। ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାକ୍ସ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର ଶିଖାନ୍ତୁ। ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ। ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ।

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪

# ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ସହରରେ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କର ଏକ ବୈଠକ ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ବିଜେବି ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ଉନ୍ନତ ମାନର ହୋଇଥିଲେ ମଧ୍ୟ ବରିଷ୍ଠ ନାଗରିକ ତଥା ସାଧାରଣ ଜନତାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ତ୍ରୁଟି ବିଚ୍ୟୁତି ରହୁଥିବା ହେତୁ ଏ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏଥିପାଇଁ ଏକ ତିନିଜଣିଆ କମିଟି ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ବାସ୍ତବ ଚିତ୍ର ସାମ୍ନାକୁ ଆଣି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବରିଷ୍ଠ ନାଗରିକମାନଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷର ପରିଚୟ ପତ୍ର ପ୍ରଦାନ କରାଯିବା ସହ ଆସନ୍ତା ଏପ୍ରିଲ ୧୬ ତାରିଖରେ ସାଧାରଣ ସଭା କରାଯିବା ପାଇଁ ସ୍ଥିର ହୋଇଥିଲା। ସୁସ୍ଥ ସାମାଜିକ ଜୀବନଯାପନରେ ବ୍ରତୀ ଥିବା ଆଦର୍ଶ ପରିବାରକୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂପାଦକ ରାମଶଙ୍କର ସୂଚନା ଦେଇଥିଲେ। ନବନିର୍ବାଚିତ ପୌରାଧ୍ୟକ୍ଷା କନକଲତା ମହାନ୍ତି ତଥା ସମସ୍ତ ୱାର୍ଡର କାଉନସିଲରଙ୍କୁ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ସହ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଦଳ, ମତ ନିର୍ବିଶେଷରେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଉପଦେଷ୍ଟା ବୈକୁଣ୍ଠନାଥ ରାଜଗୁରୁ, ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସହ-ସଂପାଦକ ବସନ୍ତ କୁମାର ଦାଶ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା, ନାରାୟଣ ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାଶ



ବ୍ୟକ୍ତି ସମକାଳର। ବ୍ୟକ୍ତିତ୍ୱ ଚିରକାଳର। ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇପଡେ ସମାଜରୁ ରାଷ୍ଟ୍ରକୁ। ସେହିପରି ଜଣେ କାଳଜୟୀ ବ୍ୟକ୍ତିତ୍ୱ ଥିଲେ କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାସ । ୨୦୧୩ ମସିହା ଏପ୍ରିଲ୍ ମାସ ୫ ତାରିଖରେ ତାଙ୍କର ଦେହାବସାନ ଘଟିଲା। ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ହୋଇଗଲା । ଶିକ୍ଷକ ମହାସଂଘ ପରିବାରର ସେ ଥିଲେ ଜ୍ୟେଷ୍ଠ, ମୁରବୀ ଓ ମହାସାରଥୀ । - ଯେଉଁ ଯୁଗ ଥିଲା ଦାବି ହାସଲ ପାଇଁ ବେସାଲିସ୍ ସଂଗ୍ରାମର ତଥା ନିର୍ବିବାଦୀୟ ନିଷ୍ଠାର ଓ ସଂଗଠନ ପ୍ରତି ଅବିଚଳିତ ଆନୁଗତ୍ୟର ଯୁଗ ।

ଏହି କ୍ରାନ୍ତିକାରୀ ଶିକ୍ଷକ ନେତା ୧୯୩୦ମସିହା ଏପ୍ରିଲ ମାସ ୩ତାରିଖରେ ଅବିଭକ୍ତ କଟକ ଜିଲ୍ଲା ଓ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ଗୋପାଳପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଗୁଣନିଧି ଦାଶ ଓ ମାତାଙ୍କ ନାମ ଥିଲା ମାଗୁଣି ଦେବୀ । ବାଲ୍ୟକାଳରୁ ଲେଖାଲେଖି ପ୍ରତି ତାଙ୍କର ଗଭୀର ଆସକ୍ତି ଥିଲା । ଥରେ ସେ କୌଣସି ଲେଖା ଲେଖି ବସିଲେ ତାହା ନସରିବା ପର୍ଯ୍ୟନ୍ତ ସେଠାରୁ ସେ ଉଠୁ ନଥିଲେ । ଏହି ଅଭ୍ୟାସ ଓ ପ୍ରଚେଷ୍ଟା ହିଁ ତାଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ସ୍ୱନାମଧନ୍ୟ ଲେଖକ ହେବାରେ ସହାୟକ ହୋଇଥିଲା । ଯାହାର ଫଳ ସ୍ୱରୂପ ସେ ଅନେକ ଗୁଡିଏ ନାଟକ ରଚନା କରି ନିଜକୁ ଜଣେ ସଫଳ ନାଟ୍ୟକାର ରୂପେ ପ୍ରତିଷ୍ଠିତ କରିପାରିଥିଲେ ।



ଅର୍ଜୁନ ଚରଣ ଦାଶ ଏକାଧାରରେ ଥିଲେ ଜଣେ ସ୍ୱନାମଧନ୍ୟ ଶିକ୍ଷକ,ଉଚ୍ଚକୋଟୀର ବାଗ୍ମୀ,ଦକ୍ଷ ସଂଗଠକ ତଥା ରାଜ୍ୟର ଜଣେ ଅଦ୍ୱିତୀୟ ଶିକ୍ଷକନେତା । ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗି ପଡିନଥିଲେ । ଶିକ୍ଷକ ମାନଙ୍କର ଜୀବନ ଜୀବିକା ସମସ୍ୟାର ସମାଧାନ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା । ଥରେ ସେ ଯାହା ଚିନ୍ତା କରୁଥିଲେ ତାହା କାମରେ କରି ଦେଖାଉଥିଲେ,ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କର ସମସ୍ୟାର ସମାଧାନ ହେଉ,ଓଡିଶାରେ ଶିକ୍ଷାର ବିକାଶ ହେଉ ଏହାହିଁ ଥିଲା ତାଙ୍କର ଅନବରତ ଚିନ୍ତା । ଏଥିପାଇଁ ସେ ନିଜ ଜୀବନକୁ ଶିକ୍ଷକ ସମାଜର ଉନ୍ନତ୍ତି ନିମନ୍ତେ ଉତ୍ସର୍ଗ କରିଥିଲେ ।

ସଂଗଠନ କ୍ଷେତ୍ରରେ ଅର୍ଜୁନ ଚରଣ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ତିର୍ତ୍ତୋଲ ବ୍ଲକର ସଂମ୍ପାଦକ,ଜିଲ୍ଲା ସଂମ୍ପାଦକ ଭାବେ କାର୍ଯ୍ୟକରି ସେ ନିଜର ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ଆଉ ତା'ପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକସଂଘ ଉପ-ସଭାପତି ଓ ୧୯୯୦ ରୁ ୧୯୯୮ପର୍ଯ୍ୟନ୍ତ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ଭାବେ କାର୍ଯ୍ୟକରି ସେ କେବଳ ଜଗତସିଂହପୁର ଜିଲ୍ଲା ନୁହେଁ ସମଗ୍ର ରାଜ୍ୟରେ ଶିକ୍ଷକ ସଂଗଠନକୁ ଶକ୍ତିଶାଳୀ କରିବା ସହ ଶିକ୍ଷକ,ଅଧ୍ୟାପକ ଓ କର୍ମଚାରୀ ମାନଙ୍କର ଅନୁଦାନ ଓ ଚାକିରୀ ସର୍ତ୍ତାବଳୀ ପ୍ରମୁଖ ସମସ୍ୟା ସମାଧନରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ । ଶିକ୍ଷକ ଗୌରବ ସ୍ୱର୍ଗତଃ ବନମାଳୀ ବ୍ରହ୍ମଚାରୀ, ସ୍ୱର୍ଗତ କୈଳାସ ମହାପାତ୍ର, ପ୍ରଫେସର ଅବନୀ ବରାଳ, ପ୍ରଫେସର ଭଗବାନ ଜେନା ଓ ଆହୁରି ଅନେକ ଶିକ୍ଷକ ନେତାଙ୍କ ସହ ସାମିଲ ହୋଇ ଶିକ୍ଷକମାନଙ୍କୁ ଚାକିରୀ ସର୍ତ୍ତାବଳୀ ପ୍ରଦାନ, ପ୍ରତ୍ୟକ୍ଷ ଅନୁଦାନ ସୁବିଧା, ପେନ୍‌ସନ୍ ପ୍ରଦାନ,ଅଧ୍ୟାପକ ମାନଙ୍କୁ ୟୁ.ଜି.ସି ବେତନ ପ୍ରଦାନ ଆଦି ସୁବିଧା-ସୁଯୋଗ ମିଳିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ଏକଥା ଯେ କେହି ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

ଜଣେ ସଫଳ,ଦକ୍ଷ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅର୍ଜୁନ ଦାଶଙ୍କର ନିଆରା ପରିଚୟ ଥିଲା । ପ୍ରଥମେ ଭୁବନେଶ୍ୱର ଚନ୍ଦକା ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ସେ । ପରେ କସର୍ଦ୍ଦାର କୁଳଶ୍ରୀ ମାଇନର ସ୍କୁଲ ଏବଂ ତାପରେ ନିଜ ଗାଁ ଗୋପାଳପୁରରେ ଥିବା ବଟମଙ୍ଗଳା ବିଦ୍ୟାପୀଠର ମଙ୍ଗଧରି ୧୯୮୮ରେ ଅବସର ନେବା ପର୍ଯ୍ୟନ୍ତ ଜଣେ କୃତୀ ଶିକ୍ଷକ ଭାବେ ସେ ଯେଉଁ ଛାପ ଛାଡିଯାଇଛନ୍ତି ତାହା ଏବେବି ଅନେକଙ୍କ ପାଇଁ ଉଦାହରଣ ହୋଇ ରହିବ । ବାସ୍ତବରେ ତାଙ୍କର ଶିକ୍ଷାଦାନ ଶୈଳୀ ଥିଲା ଅନନ୍ୟ ଓ ଅସାଧାରଣ । କୁନି କୁନି ପିଲାମାନଙ୍କୁ କୋଳେଇ ନେଇ,ତାଙ୍କ ମନକୁ ମନେଇ, ପାଠ ପଢେଇବାର ଭିନ୍ନ ଭିନ୍ନ କୌଶଳ ଆପଣେଇବାରେ ସେ ବେଶ୍ ସିଦ୍ଧହସ୍ତ ଥିଲେ । ତାଙ୍କ ହାତଗଢା ଅନେକ ବିଦ୍ୟାର୍ଥୀ ଆଜି ସମାଜର ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ କରିପାରିଛନ୍ତି ଏକଥା ସର୍ବଜନବିଦିତ । ଏଥି ସହିତ ଏ ଅଞ୍ଚଳରେ ଅନେକ ଶିକ୍ଷାନୁଷ୍ଠାନ ଗଢିବାରେ ତାଙ୍କର ଅବଦାନକୁ ଭୁଲି ହେବନାହିଁ । ଏବେବି ସଅାଁରା ହାଇସ୍କୁଲ,ବଟମଙ୍ଗଳା ହାଇସ୍କୁଲ ମୁକସାକ୍ଷୀ ରୂପେ ତାଙ୍କର ଗୁଣଗାନ କରି ଦଣ୍ଡାୟମାନ ।

ଜଣେ ସୁବକ୍ତା ଭାବରେ ସମଗ୍ର ରାଜ୍ୟରେ ବେଶ୍ ଜଣାଶୁଣା ଥିଲେ ଅର୍ଜୁନ ଦାଶ। ଅନ୍ୟ ବକ୍ତାମାନଙ୍କ ପରି ସେ ଆଳଙ୍କରିକ ଶବ୍ଦ ସମୂହ ବ୍ୟବହାର କରୁନଥିଲେ। ଖୁବ ଛୋଟ ଛୋଟ ଶବ୍ଦ, ଗାଉଁଲି ଲୋକକଥା, ନିତି ଦିନିଆ ଘଟଣା ଓ ଅନୁଭୂତିକୁ ନେଇ ସେ ଯେଉଁ ବକ୍ତବ୍ୟ ରଖୁଥିଲେ ତାହା ସମସ୍ତଙ୍କ ମନକୁ ଛୁଇଁପାରୁଥିଲା। "ସବୁ ସେହି ଗାତର ଦୋଷ", ସଭାରେ ସଭାପତି କିଏ? ବା-ପା ପ୍ରସଙ୍ଗ ତାଙ୍କ ଭାଷଣରେ ଯେତିକି ରୋଚକ ହୋଇଥାଏ, ଶିକ୍ଷକ ଅଧ୍ୟାପକ ମାନଙ୍କୁ ଆନ୍ଦୋଳନ ପାଇଁ ସେତିକି ପ୍ରେରଣା ଦେଇଥାଏ। ଖାଲି ସେତିକି ନୁହେଁ, ତାଙ୍କ କଟାକ୍ଷ ଓ ଶାଣିତ ଭାଷଣରେ ସରକାରୀ ଦଳ ଓ କଳକୁ ସମାଲୋଚନା କରିବାରେ ସେ ଧୂରୀଣ ଥିଲେ। ବହୁ ରକ୍ତକ୍ଷୟୀ ଶିକ୍ଷକ ଆନ୍ଦୋଳନର ସେ ଥିଲେ ପ୍ରତ୍ୟକ୍ଷଦର୍ଶୀ ମହାନାୟକ। କୌଣସି ପରିସ୍ଥିତିରେ ସେ ସରକାରୀ ଚାପ ଆଗରେ ମୁଣ୍ଡ ନୁଆଉଁନଥିଲେ। ଏହାହିଁ ଥିଲା ଏହି ଦୃଢମନା ଶିକ୍ଷକ ନେତାଙ୍କର ବିଶେଷତ୍ୱ। ଆଜିର ଦୁନିଆରେ ଅର୍ଜୁନ ଦାଶଙ୍କପରି ଶିକ୍ଷକ ନେତା ବିରଳ। ଏବେ ନେତା ଅଛନ୍ତି, କିନ୍ତୁ ସେଭଳି ନେତୃତ୍ୱ ନାହିଁ । ବର୍ତ୍ତମାନର ଶିକ୍ଷକ ନେତା ଓ ଶିକ୍ଷକ ସମାଜ ଏ କଥାକୁ ହୃଦୟଙ୍ଗମ କରିପାରିଲେ ଶିକ୍ଷକ ମାନଙ୍କ ସମସ୍ୟାର ସମାଧାନ ପାଇଁ ବାଟ ଫିଟିଯିବ ଏଥିରେ ସନ୍ଦେହ ନାହିଁ।

**ହିମାଂଶୁଶେଖର ଆଚାର୍ଯ୍ୟ**, ତିର୍ତ୍ତୋଲ, ଜଗତସିଂହପୁର, ମୋ- ୯୯୩୭୧୫୧୦୫୨

# ଶ୍ରୀରାମ ମନ୍ଦିରରେ ଉତ୍କଳ ଦିବସ ପାଳନ ଓ ସମ୍ବର୍ଦ୍ଧନା ସଭା

ଖୋର୍ଦ୍ଧା (ପିଏନ୍)- ଖୋର୍ଦ୍ଧା ଶ୍ରୀରାମ ନଗରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ, ଶ୍ରୀରାମ ମନ୍ଦିର ଉନ୍ନତି ମିଳିତ ଭାବେ ୧୩୦ରୁ ଉର୍ଦ୍ଧ୍ୱ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଶିକ୍ଷାବିତ୍ ଦୟାନିଧି ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ପରିଷଦର ନବ ନିର୍ବାଚିତ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଓ କାଉନସିଲର ସୌର୍ଯ୍ୟ ରଂଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ମୁଖ୍ୟବକ୍ତା ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଏବଂ ସମ୍ମାନିତ ଅତିଥି ରୂପେ ଯୋଗଗୁରୁ ସୀତାକାନ୍ତ ପଣ୍ଡା, ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ମହାରଣା ଓ ଆଡ଼ଭୋକେଟ ବ୍ରଜ କିଶୋର ସାହୁ ଯୋଗ ଦେଇ ପ୍ରାଚୀନ ଓଡ଼ିଆ ଭାଷାର ବହୁଳ ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ନାୟକ, ପ୍ରଫେସର ପରେଶ ଚନ୍ଦ୍ର ପଟ୍ଟନାୟକ, ଗୋଲକ ବିହାରୀ ଜେନା, ସନ୍ତୋଷ ରାଉତ, ସର୍ବେଶ୍ୱର ଦାସ, କନକମଂଜରୀ ପଟ୍ଟନାୟକ, ବିଜୟ କୁମାର ବେହେରା, ଆଶାଲତା ବଳିଆରସିଂହ, କନକ ଜେନା, ଦୁର୍ଗାବତୀ କହଲସିଂହ, ଉର୍ମିଳା ବେହେରା ଓ ସ୍ୱପ୍ନା ପଟ୍ଟନାୟକ ବକ୍ତବ୍ୟ ଦେଇଥିଲେ। ଜ୍ୟୋତି ରଂଜନ ସାହୁ, ସୁଜାତା ପଟ୍ଟନାୟକ ଓ ରଶ୍ମୀରେଖା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟଗୁରୁ ହେମନ୍ତ ବେହେରା, ଗତିକୃଷ୍ଣ ଜେନା ଓ ଚିନ୍ମୟୀ ପଣ୍ଡାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

# ଖୋରଧା ପୌର ପରିଷଦ ସଭା ଗୃହର ମର୍ଯ୍ୟାଦା ହାନି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ

ଖୋର୍ଦ୍ଧା (ପିଏନ୍)- ଖୋରଧା ପୌରପରିଷଦକୁ ନବ ନିର୍ବାଚିତ ହୋଇ ଆସିଥିବା ଅଧ୍ୟକ୍ଷା ଓ କାଉନସିଲମାନଙ୍କୁ ନିର୍ବାଚିତ ପ୍ରମାଣ ପତ୍ର ପ୍ରଦାନ କରିବା ନିମନ୍ତେ ପୌର ପରିଷଦ ତରଫରୁ ଡ଼କା ଯାଇଥିଲା। ଖୋରଧା ଉପଜିଲ୍ଲାପାଳ ତଥା ପୌର ପରିଷଦର ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରମାଣ ପ୍ରଦାନ କରାଯିବା ପରେ ଉକ୍ତ ସଭା ଗୃହରେ ପୌରାଧ୍ୟକ୍ଷଙ୍କ ପାଖରେ ବିଜୁ ଜନତା ଦଳର ଦୁଇଜଣ ମହିଳା କର୍ମୀ ବସି ନବ ନିର୍ବାଚିତ କାଉନସିଲରମାନଙ୍କ ଉଦେଶ୍ୟରେ କହିଥିଲେ ଯେ, ବିଜେପି ଓ ସ୍ୱାଧୀନ କାଉନସିଲରମାନେ ପୌରାଧ୍ୟକ୍ଷଙ୍କ କୌଣସି କାର୍ଯ୍ୟକୁ ବିରୋଧ ନ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ବିରୋଧ କଲେ ସେମାନଙ୍କ ୱାର୍ଡ଼ରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଯିବ ନାହିଁ। ଏହି ଘଟଣାଟିକୁ ଖୋରଧା ବିଜେପି ତରଫରୁ ଦୃଢ ପ୍ରତିବାଦ ଜଣାଇବା ସହିତ କେଉଁ ପରିସ୍ଥିତିରେ ବିଜୁ ଜନତା ଦଳର ମହିଳା ନେତ୍ରୀ ଓ କର୍ମୀମାନଙ୍କୁ ପୌର ପରିଷଦର ସଭା ଗୃହରେ ବସି ଭାଷଣ ଦେବା ଓ ରାଜନୈତିକ ବୈଠକ କରିବାକୁ ସୁଯୋଗ ଦିଆଯାଇ ସଭା ଗୃହରେ ପବିତ୍ରତା ଓ ମର୍ଯ୍ୟାଦା ହାନି କରାଗଲା। ପୌର ପରିଷଦର ନିର୍ବାହୀ ଅଧିକାରୀ କାହିଁକି ଏହି ସବୁ କାର୍ଯ୍ୟକୁ ବାରଣ କଲେ ନାହିଁ। ଏ ସମ୍ପର୍କରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖୋରଧା ଜିଲ୍ଲା ବିଜେପି ସଭାପତି ରଶ୍ମୀ ରଂଜନ ମହାପାତ୍ର ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟ, ନିକୁଞ୍ଜ ପଟ୍ଟନାୟକ, କୁନିଲତା ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋରଧା ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି।

## ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ଭାବେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଶପଥପାଠ

ଭୁବନେଶ୍ୱର,(ପି.ଏନ): ଭାରତୀୟ ରେଳବାଇ ପକ୍ଷରୁ ୧୬ ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ୍ୟ ଦେଶସାରା ପାଳନ କରାଯାଉଅଛି ଓ ଏଥିପାଇଁ ପୂର୍ବତଟ ରେଳପଥ ବ୍ୟାପକ ଭାବେ ସ୍ୱଚ୍ଛତା ପକ୍ଷ ପାଳନ କରି ରେଳ ଷ୍ଟେସନ ପରିସର, ଟ୍ରେନ, କାର୍ଯ୍ୟାଳୟ, ୱାର୍କଶପ, ମରାମତି ଡିପୋ, ରେଳବାଇ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବାସସ୍ଥଳୀ ଅଂଚଳମାନଙ୍କରେ ପରିଚ୍ଛନ୍ନତା ପ୍ରତି ବ୍ୟାପକଭାବେ ସ୍ୱତନ୍ତ୍ର ଧ୍ୟାନ ଦେଉଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ଶୁକ୍ରବାର ପୂର୍ବାହ୍ନରେ ରେଳପଥର ମୁଖ୍ୟାଳୟ ଭୁବନେଶ୍ୱର ଠାରେ ରେଳପଥ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ଅବସରରେ ଶପଥ ପାଠ କରାଇ ସ୍ୱଚ୍ଛତା ପ୍ରତି ଶ୍ରମଦାନ କରିବା ସହିତ ନିଜେ ଅଳିଆ ନଫିଙ୍ଗିବା କିମ୍ବା କାହାକୁ ଏହା ନକରିବା ପାଇଁ ପ୍ରବର୍ତ୍ତାଇବା; ନିଜଠାରୁ, ନିଜ ପରିବାରରୁ, ନିଜ ଅଂଚଳରୁ ଏବଂ କାର୍ଯ୍ୟସ୍ଥଳରୁ ପରିଚ୍ଛନ୍ନତା ଆରମ୍ଭ କରିବା ସହିତ ଅନ୍ୟମାନଙ୍କୁ ଏଥିପ୍ରତି ପ୍ରବର୍ତ୍ତାଇବାକୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ୱାଲଟିୟର, ଖୋର୍ଦ୍ଧା ରୋଡ୍ ଓ ସମ୍ବଲପୁର ରେଳ ମଣ୍ଡଳ ମାନଙ୍କରେ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ଅବସରରେ ଶପଥ ପାଠ କରାଇଥିଲେ। ଏହା ବ୍ୟତୀତ, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନ ମାନଙ୍କରେ କର୍ମଚାରୀମାନେ ମଧ୍ୟ ସ୍ୱଚ୍ଛତା ପକ୍ଷ୍ୟ ଅବସରରେ ଶପଥ ଗ୍ରହଣ କରିଥିଲେ । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ରେଳ ଷ୍ଟେସନ ଏବଂ ଆବାସିକ ଅଂଚଳକୁ ପରିଷ୍କାର, ସ୍ୱାସ୍ଥ୍ୟପ୍ରଦ ରଖିବା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ପକ୍ଷ୍ୟର ବ୍ୟାପକ କାର୍ଯ୍ୟକ୍ରମରେ ରେଳଯାତ୍ରୀ, ରେଳବ୍ୟବହାରକାରୀ, ସହଭାଗୀ ମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରୁଥିବାବେଳେ ସ୍ୱଚ୍ଛତା ସମ୍ବନ୍ଧରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଗୁରୁଜାଙ୍ଗୁଲି ପଞ୍ଚାୟତରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ୮ ସ୍ୱାଧୀନତା ସଂଗ୍ରାମୀ ପରିବାରଙ୍କୁ ସମ୍ମାନିତ କରାଯାଇଛି

ତାଳଚେର,(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ରତ୍ନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ମାନଙ୍କ ବାସସ୍ଥାନ ଓ ସମସ୍ତଙ୍କ ଘରୁ ଅମୃତ କଳସ ରେ ଭବ୍ୟ ପରିବେଶରେ ବୀର ମାଟି ସଂଗ୍ରହ କରାଯାଇ ଦିଲ୍ଲୀରେ ଅମୃତ ବାଟିକା ସ୍ଥାପନ କରାଯିବ ଏଥିପାଇଁ ସମସ୍ତ ଗ୍ରାମ ସହର ବୁଲି ମାଟି ସଂଗ୍ରହ ଚ଼ାଲିଛି ବୋଲି ଏନ ଏସ ଆଇ ସି ଡ଼ାଇରେକ୍ଟର କାଳନ୍ଦି ସାମଲ ପ୍ରକାଶ କରିଛନ୍ତି ।ଆଜି ଶନିବାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ରେ ଅମୃତ କଳସ ଯାତ୍ରା ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ପଞ୍ଚାୟତର ଗୁରୁଜାଙ୍ଗୁଲି, ଖୋଲୁଆ ଲିଙ୍ଗରାକଟା,ଚ଼ାଇଁପାଳ,ନୂଆଗାଁ ଓ ପଡିଆଭଙ୍ଗା ଗ୍ରାମରେ ଅନୁଷ୍ଠିତ ହୋଇଥିଲା ବେଳେ ଶ୍ରୀ ସାମଲ ଏଥିରେ ସାମିଲ ହୋଇ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ତଥା ଭାରତକୁ ବିଶ୍ୱଗୁରୁ କରିବା ପାଇଁ ପ୍ରୟାସ ବୋଲି ପ୍ରକାଶ କରିଛନ୍ତି। ଗ୍ରାମ ମନ୍ଦିର ରେ ପୂଜାର୍ଚ୍ଚନା କରାଯିବା ପରେ ଅମୃତ କଳସ ଯାତ୍ରା ଆରମ୍ଭ ହୋଇଥିଲା ।ଏନ ଏସ ଆଇ ସି ଡ଼ାଇରେକ୍ଟର କାଳନ୍ଦି ସାମଲ ସ୍ୱାଧୀନତା ସଂଗ୍ରାମୀ ପ୍ରଭାକର ସାହୁ (୯୯) ଙ୍କୁ ତାଙ୍କ ପଡିଆଭଙ୍ଗା ବାସ ଭବନରେ ସମ୍ମାନିତ କରିଥିଲେ ଏବଂ ତାଙ୍କ ଘରୁ ମାଟି ସଂଗ୍ରହ କରାଯାଇଥିଲା ।ସେହିପରି ସ୍ୱାଧୀନତା ସଂଗ୍ରାମୀ ପବିତ୍ର ଦେହୁରୀ, ଗୋପୀ ସାହୁ,ମଙ୍ଗୁଳୁ ଭୁତିଆ, ଗୋପୀନାଥ ରଥ,ଚୈତନ୍ୟ ମହାନ୍ତି,ଅମ୍ବେଇ ରଥ ଓ ଦୁର୍ଲଭ ରଥ ଙ୍କ ପରିବାର ଙ୍କୁ ଶ୍ରୀ ସାମଲ ସମ୍ମାନିତ କରିବା ସହ ତାଙ୍କ ଘରୁ ମାଟି ସଂଗ୍ରହ କରାଯାଇଥିଲା । ଭବ୍ୟ ପରିବେଶରେ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ଏହି ଅମୃତ କଳସ ଯାତ୍ରାରେ ଘରକୁ ଘର ଯାଇ ମାଟି ଆଣିଥିଲେ। ସଂକୀର୍ତ୍ତନ ମଣ୍ଡଳୀ, ମହିଳା ସଙ୍ଘ, ଯୁବକ ସଙ୍ଘ, ବିଭିନ୍ନ ଅନୁଷ୍ଠାନ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଛଅ ବର୍ଷର ଚୁକ୍ତି ଅବଧିକୁ ଯୋଗ ଓ ପୁରୁଣା ପେନସନ ଦାବିରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ଫୁଲବାଣୀ,(ପି.ଏନ):ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ହେବାର ବର୍ଷ ହେବାକୁ ବସିଲାଣି ହେଲେ ହେଲେ ନ୍ୟାୟ ପାଇଲେନି ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ । ନୂତନ ଭାବେ ନିଯୁକ୍ତି ପାଇଥିବା ଶିକ୍ଷକ ମାନେ ପ୍ରଥମରୁ ନିୟମିତ ଶିକ୍ଷକର ମାନ୍ୟତା ପାଇଲେ କିନ୍ତୁ ସରକାରଙ୍କ ଆର୍ଥିକ ଦୁଃସ୍ଥିତି ବେଳେ ସରକାରଙ୍କୁ ସହଯୋଗ ପୂର୍ବକ ନାମମାତ୍ର ଦରମାରେ କାମ କରିଥିବା ଶିକ୍ଷକ ଏବେ ଅବହେଳାର ଶିକାର । କାହାର ଛଅ ବର୍ଷ ଚୁକ୍ତି ଅବଧି ଧୋଇଗଲା ତ କାହାର ତିନିବର୍ଷ । ଏ ନେଇ ବାରମ୍ବାର ବିଭାଗକୁ ଦାବିପତ୍ର ଦିଆଯାଇଛି ହେଲେ ପ୍ରତିଶ୍ରୁତି ସବୁ ପ୍ରତାରଣାରେ ପରିଣତ ହେଇଛି । ପୁଣି ୨୦୦୫ ଓ ପରବର୍ତ୍ତୀ ସମୟରେ ନିଯୁକ୍ତିପ୍ରାପ୍ତ ସରକାର କର୍ମଚ଼ାରୀଙ୍କ ପୁରୁଣା ପେନ୍ସନ ହଟେଇ ଏନପିଏସ୍ ଭଳି ଏକ ଅସୁରକ୍ଷିତ ପେନ୍ସନ ପଦ୍ଧତି ଲାଗୁକରି ତାଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଇଛନ୍ତି ସରକାର । ନିକଟରେ ଅବସର ନେଇଥିବା ନୂତନ ପେନ୍ସନଭୁକ୍ତ କର୍ମଚ଼ାରୀଙ୍କ ଭିତରୁ କିଏ ଚ଼ାରିଶହ ଟଙ୍କା ପେନ୍ସନ ପାଉଛି ତ କିଏ ଛଅଶହ । ଏ ଅନ୍ୟାୟର ତୀବ୍ର ବିରୋଧ କରି ରାଜ୍ୟ ସଂଘର ଆହ୍ୱାନ କ୍ରମେ ଆସନ୍ତା ୨୬ ତାରିଖରେ ଗାନ୍ଧୀମାର୍ଗରେ ହେବାକୁ ଥିବା ବିରାଟ ଆନ୍ଦୋଳନରେ ଭାଗନେବା ପାଇଁ ଜିଲ୍ଲାସଂଘ ନିଷ୍ପତ୍ତି ନେଇ ସାରିଛି । ଏହି କ୍ରମରେ ଆଜି ଜିଲ୍ଲା ସରକାରୀ ହାଇସ୍କୁଲ ଏନପିଏସ୍ ଶିକ୍ଷକ ସଂଘ ତରଫରୁ ଜିଲ୍ଲା ସଭାପତି ସୋମନାଥ ସାହାଣୀଙ୍କ ନେତୃତ୍ୱରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏଇ ଦୁଇ ଦଫା ଦାବି ବିଶିଷ୍ଟ ଦାବିପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଦୀପ ସାହୁ, ମନୋରଞ୍ଜନ ପାତ୍ର, ଅଚ଼ଳ ମହାମେରୁ ବାରିକ, ବେଣୁଧର ପ୍ରଧାନ, ରମେଶ ମେହେର, ଗଣେଶ ପ୍ରଧାନ, ଶିବ ପ୍ରସାଦ ଦାଶ, ଶ୍ରୀଚ଼ନ୍ଦନ ବଳିଆରସିଂ, ଶ୍ୟାମସୁନ୍ଦର ନାୟକ, ରିତେଶ ବେହେରା, ଧନଞ୍ଜୟ ଦିଗାଲ, ଅଶ୍ୱିନୀ ପ୍ରଧାନ, ପ୍ରତିମାରାଣୀ ପଣ୍ଡା, ଦୀପ୍ତି ନନ୍ଦ, ପ୍ରତାପ ପଣ୍ଡା, ବରୁଣ ପ୍ରଧାନ, କୁମାରୀ ପୁନମ ସମେତ ଶତାଧିକ ଶିକ୍ଷକ,ଶିକ୍ଷିକା ଯୋଗ ଦେଇଥିଲେ

## ଚଣ୍ଡିଖୋଲ ପ୍ରେସକ୍ଲବର ସଭାପତି ପ୍ରଦୀପ୍ତ କୁମାର ପରିଡାଙ୍କ ବିୟୋଗ

ଦର୍ପଣ,(ପିଏନ): ଚଣ୍ଡିଖୋଲ ପ୍ରେସକ୍ଲବର ସଭାପତି, ପାକ୍ଷୀକ ସମ୍ବାଦପତ୍ର କଳିଙ୍ଗପ୍ରଭାର ସମ୍ପାଦକ, ବରିଷ୍ଠ ଆଇନଜୀବୀ, ରାଜ୍ୟ କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ରର ଉପସଭାପତି, ଗଣପତିଜ୍ଞାନ ମନ୍ଦିରର ପ୍ରତିଷ୍ଠାତା ସମ୍ପାଦକ, ଗରଗାଲି ଗ୍ରାମପଂଚାୟତର ପୂର୍ବତନ ସମିତିସଭ୍ୟ, ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ପରିଡାଙ୍କ ଗତକାଲି ୭୮ ବର୍ଷ ବୟସରେ କଟକ ସ୍ଥିତ ଶାନ୍ତି ମେମୋରିଆଲ ହସ୍ପିଟାଲରେ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ଏହି ଖବର ପ୍ରସାରିତ ହେଲାପରେ ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି । ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବିଜେପି ନେତା ଅମର ନାୟକ, ଚଣ୍ଡିଖୋଲ କୋର୍ଟ ବିଚାରପତି ପରବିନ ମଣ୍ଡଳ, କଂଗ୍ରେସ ଯୁବ ନେତା କ୍ୟାପ୍ଟେନ ରାଜ ନାରାୟଣ ମହାପାତ୍ର, ପର୍ଯ୍ୟବେକ୍ଷକ ଖବର କାଗଜର ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ, ଦୈନିକ ଖବର କାଗଜ ସମ୍ବାଦର ଜିଲ୍ଲା ପ୍ରତିନିଧି ସଂଗ୍ରାମ ସିଂ, ପ୍ରସାର ଅଧିକାରୀ ବିରଂଚି ତ୍ରିପାଠୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ପ୍ରସାଦ ନାୟକ, ସମାଜସେବୀ ଅମର ମହାନ୍ତି, କଂଗ୍ରେସ



ନେତା ଅଜୟ ସାମଲ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ, ପ୍ରଭାକର ଶତପଥୀ, ପ୍ରହଲ୍ଲାଦ ନନ୍ଦ, ନିରଜଂନ ସାହୁ, ପଂଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ବରିଷ୍ଠ ନାଗରିକ ମଂଚ ସେନାପତି ଶେଷଦେବ ନାୟକ, କ୍ଷୀରୋଦ ମାହାଲା, ଟ୍ରକ ମାଲିକ ସଂଘର ସଭାପତି ପୁଷ୍ପରାଜ ନାୟକ, ବିଏସ କଲେଜ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା, ପ୍ରେସକ୍ଲବର ପୂର୍ବତନ ସଭାପତି ନିର୍ମଳ ଚନ୍ଦ୍ର ସାମଲ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏନର ସଭାପତି ରେଣୁବାଳା ମହାନ୍ତି, ସମ୍ପାଦକ ପ୍ରକାଶ କୁମାର ଦାଶ, ଆଇନଜୀବୀ ଦେବରାଜ ବେହେରା, ଉଦୟନାଥ ସାହୁ, ଦୀନବନ୍ଧୁ ନାୟକ, ବୃନ୍ଦାବନ କର, ଶିରିସ ସାମଲ, ବିରେନ ବିଶ୍ୱାଳ, ହୋଲିଜେସସ ସ୍କୁଲର ଅଧ୍ୟକ୍ଷା କାମିନୀ ନାୟକ, ଚଣ୍ଡିଖୋଲ ପ୍ରେସକ୍ଲବର ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି, ସାମ୍ବାଦିକ ମହେଶ୍ୱର ବଳ, ବେଣୁଧର ପଣ୍ଡା, ଭକ୍ତ ଚରଣ ସାହୁ, ନରେନ୍ଦ୍ର ରାଉତ, ଅଭିମନ୍ୟୁ ଧଳ, ଶିବରାମ ସାହୁ, ମୋହନ ଖିଲାର, ପ୍ରଶାନ୍ତ ଜେନା, ପ୍ରସନ୍ନ ବିଶ୍ୱାଳ, ପ୍ରତାପ ରାଉତରାୟ, ଭାରତ ଭୂଷଣ ପଣ୍ଡା, ମନମୋହନ ରାଉତ, ସଂଜୟ ସ୍ୱାଇଁ, ସମରେନ୍ଦ୍ର ମାହାଲା, ସେକ ସବିରୁଦ୍ଦିନ, ମହେଶ୍ୱର ରାଉତ, ମସିର ଆଲ୍ଲାମ, ହେମନ୍ତ ଦାସ, ସୁରେନ୍ଦ୍ର ସାମଲ, ହେମେଶ ଜେନା, ବସନ୍ତ ପଲାଇ, ସମରେନ୍ଦ୍ର ସାମଲ, ପ୍ରତାପ ଗୋଚ୍ଛାୟତ, ଦୟା ସାଗର ସ୍ୱାଇଁ, ବିବେକାନନ୍ଦ ରାୟ, ଯତିନ୍ଦ୍ର ମହାପାତ୍ର, ଡ. ପ୍ରିୟନାଥ ମହାପାତ୍ର, ଅଶୋକ ସାହୁ, ମନୋଜ କୁମାର ସାହ, ଅନନ୍ତ ସ୍ୱାଇଁ, ଅଜୟ ଜେନା, ଉପେନ୍ଦ୍ର ନାୟକ, ମୁକ୍ତିକାନ୍ତ ଜେନା, ପ୍ରମୁଖ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଗଭୀର ଶୋକ ପ୍ରକାଶ କରିଥିଲେ । ସ୍ୱର୍ଗତ ପ୍ରଦୀପ୍ତ କୁମାର ପରିଡାଙ୍କ ନିଜ ଗ୍ରାମ ଗରଗାଲି, କୁନ୍ଦଳ ପଂଚାୟତ କାର୍ଯ୍ୟାଳୟ, ଗରଗାଲି ସ୍କୁଲ, ଗଣପତି ଜ୍ଞାନ ମନ୍ଦିର, ଚଣ୍ଡିଖୋଲ ପ୍ରେସକ୍ଲବ କାର୍ଯ୍ୟାଳୟ, ଚଣ୍ଡିଖୋଲ କୋର୍ଟ ପରିକ୍ରମା କରାଯାଇ କଟକ ସ୍ଥିତ ସମାଜ କାର୍ଯ୍ୟାଳୟ, ନିଜ ବାସ ସ୍ଥାନ ରାଜା ବଗିଚା, ସିଡିଏ ସ୍ଥିତ ବାସ ଭବନ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା । ତାଙ୍କର ଏକମାତ୍ର ପୁତ୍ର ଡାକ୍ତର ପ୍ରଶାନ୍ତ କୁମାର ପରିଡା ମୁଖାଗ୍ନୀ ଦେଇଥିଲେ ।

## ଚଣ୍ଡିଖୋଲ ପ୍ରେସକ୍ଲବ ସଭାପତି ପ୍ରଦୀପ୍ତ କୁମାର ପରିଡାଙ୍କ ବିୟୋଗରେ ସ୍ମୃତି ଚାରଣ ସଭା

ଦର୍ପଣ, (ପିଏନ): ଚଣ୍ଡିଖୋଲ ପ୍ରେସକ୍ଲବର ସଭାପତି, ପାକ୍ଷୀକ ସମ୍ବାଦପତ୍ର କଳିଙ୍ଗପ୍ରଭାର ସମ୍ପାଦକ, ବରିଷ୍ଠ ଆଇନଜୀବୀ, ରାଜ୍ୟ କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ରର ଉପସଭାପତି, ଗଣପତିଜ୍ଞାନ ମନ୍ଦିରର ପ୍ରତିଷ୍ଠାତା ସମ୍ପାଦକ, ଗରଗାଲି ଗ୍ରାମପଂଚାୟତର ପୂର୍ବତନ ସମିତିସଭ୍ୟ, ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ପରିଡାଙ୍କ ଗତକାଲି ୭୮ ବର୍ଷ ବୟସରେ କଟକ ସ୍ଥିତ ଶାନ୍ତି ମେମୋରିଆଲ ହସ୍ପିଟାଲରେ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ଏହି ଅବସରରେ ଏକ ସ୍ମୃତି ଚାରଣ ସଭା ଆଜି ପ୍ରେସ୍କ ଚଣ୍ଡିଖୋଲ ଠାରେ ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ଚାରଣ ସଭାରେ ଧର୍ମଶାଳା, ବାଲିଚନ୍ଦ୍ରପୁର , ଛତିଆ, ବଡଚଣା, କୁଆଖିଆ ପ୍ରେସକ୍ଲବର ସାମ୍ବାଦିକମାନେ ଉପସ୍ଥିତ ହୋଇ ସତ୍ୟନିଷ୍ଠ, ନିରପେକ୍ଷ, ନିର୍ଭିକ ସମ୍ବାଦ ପରିବେଷଣ ପାଇଁ ସ୍ୱର୍ଗତ ପରିଡା ସବୁଦିନ ପାଇଁ ମନେ ରହିବେ ବୋଲି ବକ୍ତାମାନେ କହିଥିଲେ । ଏଥିରେ ଧର୍ମଶାଳା ପ୍ରେସକ୍ଲବର ସଭାପତି ରମାକାନ୍ତ ଜେନା, ସମ୍ପାଦକ ଅବିନେଶ୍ୱର ଶତପଥୀ, କୁଆଖିଆ ପ୍ରେସକ୍ଲବ ସଭାପତି କୈଳାସ ଚନ୍ଦ୍ର



ରାଉତ, ରସୁଲପୁର ପ୍ରେସକ୍ଲବର ସଭ୍ୟ ବିଶ୍ୱନାଥ ପଣ୍ଡା, ବାଲିଚନ୍ଦ୍ରପୁର ପ୍ରେସକ୍ଲବର ସଭାପତି ପ୍ରକାଶ ସାମଲ, ଛତିଆର ଜୟକାନ୍ତ ରାଉତ, ଦିଗମ୍ବର ମହାପାତ୍ର, ଉମାକାନ୍ତ ବେହେରା, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସଭାନେତ୍ରୀ ରେଣୁବାଳା ମହାନ୍ତି, ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ଆଇନଜୀବୀ ଦେବରାଜ ବେହେରା, ଉଦୟନାଥ ସାହୁ, ଆଶିସ ମହାପାତ୍ର, ଦେବଯାନୀ ମିଶ୍ର, ସାମ୍ବାଦିକ ପ୍ରବୋଧ ମିଶ୍ର, ବିମଳ ପତି, ମାନସ ରଂଜନ ଜେନା, ପ୍ରିୟନାଥ ମହାପାତ୍ର, ଶଙ୍କର ପ୍ରତାପ ଦାଶ, ବେଣୁଧର ପଣ୍ଡା, ମହେଶ୍ୱର ବଳ, ପ୍ରଦୀପ୍ତ କୁମାର ପୃଷ୍ଟି, ଅଭିମନ୍ୟୁ ଧଳ, ନରେନ୍ଦ୍ର ରାଉତ, ଶିବରାମ ସାହୁ, ସମରେନ୍ଦ୍ର ମାହାଲା, ପ୍ରମୋଦ ଜେନା, ପ୍ରତାପ ରାଉତରାୟ, ପ୍ରଶାନ୍ତ ଜେନା, ମୋହନ ଖିଲାର, ସଂଜୟ ସ୍ୱାଇଁ, ଦେବବ୍ରତ ଦେବତା, ବସନ୍ତ ପଲାଇ, ହେମେଶ ଜେନା, ଭାରତଭୂଷଣ ପଣ୍ଡା, ପ୍ରତାପ ଗୋଛାୟତ, ସୁରେନ୍ଦ୍ର ସାମଲ, ଦୟା ସାଗର ସ୍ୱାଇଁ, ଦିଲ୍ଲୀପ ସାହୁ, ସେକ ସବିରୁଦ୍ଦିନ, ମସିର ଆଲ୍ଲାମ, ହେମନ୍ତ ଦାଶ, ମହେଶ୍ୱର ରାଉତ, ମନୋଜ କୁମାର ସାହୁ, ପ୍ରଦୀପ୍ତ ପ୍ରଧାନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱର୍ଗତ ପ୍ରଦୀପ୍ତ କୁମାର ପରିଡାଙ୍କ ବିଭିନ୍ନ ଆନୁଷ୍ଠାନିକ ଓ ସାମାଜିକ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ପ୍ରେସକ୍ଲବର ବରିଷ୍ଠ ସଦସ୍ୟ ପ୍ରସନ୍ନ ବିଶ୍ୱାଳ ପ୍ରେସକ୍ଲବ ଚଣ୍ଡିଖୋଲର ପ୍ରତିଷ୍ଠାରେ ପ୍ରଦୀପ୍ତ ପରିଡାଙ୍କ ଅବଦାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ସ୍ୱର୍ଗତ ପରିଡାଙ୍କର ଏକ ସ୍ମରଣିକା ପ୍ରକାଶ ପାଇବ, ଏଥିରେ ଯେଉଁମାନେ ଲେଖା ଦେବାକୁ ଇଚ୍ଛୁକ ସେମାନେ ତୁରନ୍ତ ଲେଖା ପଠାଇବାକୁ ଅନୁରୋଧ କରିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଗୁରୁଜାଙ୍ଗୁଲି ପଞ୍ଚାୟତରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ୮ ସ୍ୱାଧୀନତା ସଂଗ୍ରାମୀ ପରିବାରଙ୍କୁ ସମ୍ମାନିତ କରାଯାଇଛି

ତାଳଚେର,(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ରତ୍ନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ମାନଙ୍କ ବାସସ୍ଥାନ ଓ ସମସ୍ତଙ୍କ ଘରୁ ଅମୃତ କଳସ ରେ ଭବ୍ୟ ପରିବେଶରେ ବୀର ମାଟି ସଂଗ୍ରହ କରାଯାଇ ଦିଲ୍ଲୀରେ ଅମୃତ ବାଟିକା ସ୍ଥାପନ କରାଯିବ ଏଥିପାଇଁ ସମସ୍ତ ଗ୍ରାମ ସହର ବୁଲି ମାଟି ସଂଗ୍ରହ ଚାଲିଛି ବୋଲି ଏନ ଏସ ଆଇ ସି ଡ଼ାଇରେକ୍ଟର କାଳନ୍ଦି ସାମଲ ପ୍ରକାଶ କରିଛିଁ ।ଆଜି ଶନିବାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ରେ ଅମୃତ କଳସ ଯାତ୍ରା ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ପଞ୍ଚାୟତର ଗୁରୁଜାଙ୍ଗୁଲି, ଖୋଲୁଆ ଲିଙ୍ଗରାକଟା,ଚାଇଁପାଳ,ନୂଆଗାଁ ଓ ପଡିଆଭଙ୍ଗା ଗ୍ରାମରେ ଅନୁଷ୍ଠିତ ହୋଇଥିଲା ବେଳେ ଶ୍ରୀ ସାମଲ ଏଥିରେ ସାମିଲ ହୋଇ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ତଥା ଭାରତକୁ ବିଶ୍ୱଗୁରୁ କରିବା ପାଇଁ ପ୍ରୟାସ ବୋଲି ପ୍ରକାଶ କରିଛିଁ । ଗ୍ରାମ ମନ୍ଦିର ରେ ପୂଜାର୍ଚ୍ଚନା କରାଯିବା ପରେ ଅମୃତ କଳସ ଯାତ୍ରା ଆରମ୍ଭ ହୋଇଥିଲା ।ଏନ ଏସ ଆଇ ସି ଡ଼ାଇରେକ୍ଟର କାଳନ୍ଦି ସାମଲ ସ୍ୱାଧୀନତା ସଂଗ୍ରାମୀ ପ୍ରଭାକର ସାହୁ (୯୯) ଙ୍କୁ ତାଙ୍କ ପଡିଆଭଙ୍ଗା ବାସ ଭବନରେ ସମ୍ମାନିତ କରିଥିଲେ ଏବଂ ତାଙ୍କ ଘରୁ ମାଟି ସଂଗ୍ରହ କରାଯାଇଥିଲା ।ସେହିପରି ସ୍ୱାଧୀନତା ସଂଗ୍ରାମୀ ପବିତ୍ର ଦେହୁରୀ, ଗୋପୀ ସାହୁ,ମଙ୍ଗୁଳୁ ଭୁତିଆ, ଗୋପୀନାଥ ରଥ,ଚୈତନ୍ୟ ମହାଁ,ଅମ୍ବେଇ ରଥ ଓ ଦୁର୍ଲଭ ରଥ ଙ୍କ ପରିବାର ଙ୍କୁ ଶ୍ରୀ ସାମଲ ସମ୍ମାନିତ କରିବା ସହ ତାଙ୍କ ଘରୁ ମାଟି ସଂଗ୍ରହ କରାଯାଇଥିଲା ।ଭବ୍ୟ ପରିବେଶରେ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ଏହି ଅମୃତ କଳସ ଯାତ୍ରାରେ ଘରକୁ ଘର ଯାଇ ମାଟି ଆଣିଥିଲେ। ସଂକୀର୍ତ୍ତନ ମଣ୍ଡଳୀ, ମହିଳା ସଙ୍ଘ, ଯୁବକ ସଙ୍ଘ, ବିଭିନ୍ନ ଅନୁଷ୍ଠାନ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା,ସରପଞ୍ଚ ସହଦ୍ୱେ ସାହୁ,ସୁଶାଁ ଦାସ, ମନୋଜ ପ୍ରଧାନ, ବିଭୁତି ସାହୁ,ପ୍ରଭାତ ସାହୁ, ପ୍ରଦୀପ ସାମଲ ,ଦେବବ୍ରତ ରଥ, ତପନ ତ୍ରିପାଠୀ,ଭୁବନ ବେହେରା, ସମୀର ବିଶୋଇ,ମନୋଜ ଭୁତିଆ,ଟିହିଲୁ ବେହେରା,ସୟ ବେହେରା, ରବି ବେହେରା,କାହ୍ନୁ ଗୋଛାୟତ,ବିଷ୍ଣୁ ଗଡ଼ନାୟକ,ଅଖିଳ ବେହେରା, ସୁଶାଁ ନାଏକ ଙ୍କ ସମେତ ଶହ ଶହ ସଂଖ୍ୟାରେ ଜନ ସାଧାରଣ ଭବ୍ୟ ବାତାବରଣ ମଧ୍ୟରେ ଯାତ୍ରାରେ ଉପସ୍ଥିତ ଥିଲେ।

## ଗୁରୁଜାଙ୍ଗୁଲି ପଞ୍ଚାୟତରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ୮ ସ୍ୱାଧୀନତା ସଂଗ୍ରାମୀ ପରିବାରଙ୍କୁ ସମ୍ମାନିତ କରାଯାଇଛି

ତାଳଚେର,(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ରତ୍ନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ମାନଙ୍କ ବାସସ୍ଥାନ ଓ ସମସ୍ତଙ୍କ ଘରୁ ଅମୃତ କଳସ ରେ ଭବ୍ୟ ପରିବେଶରେ ବୀର ମାଟି ସଂଗ୍ରହ କରାଯାଇ ଦିଲ୍ଲୀରେ ଅମୃତ ବାଟିକା ସ୍ଥାପନ କରାଯିବ ଏଥିପାଇଁ ସମସ୍ତ ଗ୍ରାମ ସହର ବୁଲି ମାଟି ସଂଗ୍ରହ ଚାଲିଛି ବୋଲି ଏନ ଏସ ଆଇ ସି ଡ଼ାଇରେକ୍ଟର କାଳନ୍ଦି ସାମଲ ପ୍ରକାଶ କରିଛିଁ ।ଆଜି ଶନିବାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ରେ ଅମୃତ କଳସ ଯାତ୍ରା ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ପଞ୍ଚାୟତର ଗୁରୁଜାଙ୍ଗୁଲି, ଖୋଲୁଆ ଲିଙ୍ଗରାକଟା,ଚାଇଁପାଳ,ନୂଆଗାଁ ଓ ପଡିଆଭଙ୍ଗା ଗ୍ରାମରେ ଅନୁଷ୍ଠିତ ହୋଇଥିଲା ବେଳେ ଶ୍ରୀ ସାମଲ ଏଥିରେ ସାମିଲ ହୋଇ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ତଥା ଭାରତକୁ ବିଶ୍ୱଗୁରୁ କରିବା ପାଇଁ ପ୍ରୟାସ ବୋଲି ପ୍ରକାଶ କରିଛିଁ । ଗ୍ରାମ ମନ୍ଦିର ରେ ପୂଜାର୍ଚ୍ଚନା କରାଯିବା ପରେ ଅମୃତ କଳସ ଯାତ୍ରା ଆରମ୍ଭ ହୋଇଥିଲା ।ଏନ ଏସ ଆଇ ସି ଡ଼ାଇରେକ୍ଟର କାଳନ୍ଦି ସାମଲ ସ୍ୱାଧୀନତା ସଂଗ୍ରାମୀ ପ୍ରଭାକର ସାହୁ (୯୯) ଙ୍କୁ ତାଙ୍କ ପଡିଆଭଙ୍ଗା ବାସ ଭବନରେ ସମ୍ମାନିତ କରିଥିଲେ ଏବଂ ତାଙ୍କ ଘରୁ ମାଟି ସଂଗ୍ରହ କରାଯାଇଥିଲା ।ସେହିପରି ସ୍ୱାଧୀନତା ସଂଗ୍ରାମୀ ପବିତ୍ର ଦେହୁରୀ, ଗୋପୀ ସାହୁ,ମଙ୍ଗୁଳୁ ଭୁତିଆ, ଗୋପୀନାଥ ରଥ,ଚୈତନ୍ୟ ମହାଁ,ଅମ୍ବେଇ ରଥ ଓ ଦୁର୍ଲଭ ରଥ ଙ୍କ ପରିବାର ଙ୍କୁ ଶ୍ରୀ ସାମଲ ସମ୍ମାନିତ କରିବା ସହ ତାଙ୍କ ଘରୁ ମାଟି ସଂଗ୍ରହ କରାଯାଇଥିଲା ।ଭବ୍ୟ ପରିବେଶରେ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ଏହି ଅମୃତ କଳସ ଯାତ୍ରାରେ ଘରକୁ ଘର ଯାଇ ମାଟି ଆଣିଥିଲେ। ସଂକୀର୍ତ୍ତନ ମଣ୍ଡଳୀ, ମହିଳା ସଙ୍ଘ, ଯୁବକ ସଙ୍ଘ, ବିଭିନ୍ନ ଅନୁଷ୍ଠାନ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା,ସରପଞ୍ଚ ସହଦ୍ୱେ ସାହୁ,ସୁଶାନ୍ତ ଦାସ, ମନୋଜ ପ୍ରଧାନ, ବିଭୁତି ସାହୁ,ପ୍ରଭାତ ସାହୁ, ପ୍ରଦୀପ ସାମଲ ,ଦେବବ୍ରତ ରଥ, ତପନ ତ୍ରିପାଠୀ,ଭୁବନ ବେହେରା, ସୁଶାନ୍ତ ନାଏକ ଙ୍କ ସମେତ ଶହ ଶହ ସଂଖ୍ୟାରେ ଜନ ସାଧାରଣ ଭବ୍ୟ ବାତାବରଣ ମଧ୍ୟରେ ଯାତ୍ରାରେ ଉପସ୍ଥିତ ଥିଲେ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Sunday September 17, 2023 ଭୁବନେଶ୍ୱର ରବିବାର, ସେପ୍ଟେମ୍ବର ୧୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ନିମାପଡ଼ା ଠାରେ ସହିଦ ଦିବସ ପାଳିତ



ନିମାପଡ଼ା,(ପି.ଏନ) :୧୯୪୨ମସିହା ଭାରତଛାଡ଼ ଆନ୍ଦୋଳନ ସମୟରେ ମହାତ୍ମାଗାନ୍ଧୀଙ୍କ ଡ଼ାକରାରେ ଅନୁପ୍ରାଣିତ ହୋଇ ପୁରୀ ଜିଲ୍ଲା ନିମାପଡା ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ମାନେ ନିମାପଡା ଥାନା ଦଖଲ କରିବାକୁ ଗଲାବେଳେ ପୋଲିସ ଗୁଳିରେ ଶହୀଦ ହୋଇଥିଲେ ଚ଼ଅାଁରପଦାର ସଂଗ୍ରାମୀ ଉଛବ ମଲ୍ଲିକ ।ତାଙ୍କ ସ୍ମୃତିରେ ଆଜିର ଦିନକୁ ସହିଦ ଦିବସ ଭାବେ ପାଳନ କରାଯାଇ ଆସୁଛି ।ଏହି ପରିପ୍ରେକ୍ଷି ରେ ନିମାପଡା ଏନ.ଏ.ସି ଓ ସହିଦ ସ୍ମୃତିସଂସଦ ଆନୁକୂଲ୍ୟରେ ସ୍ଥାନୀୟ ସହିଦ ପଡ଼ିଆ ଠାରେ ସହିଦ ଦିବସ ପାଳିତ ହୋଇଥିଲା । ପ୍ରଥମେ ସହିଦଙ୍କ ଗ୍ରାମରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ବାହାରି ନିମାପଡା ବଜାର ପରିକ୍ରମା କରି ଥାନା ସମ୍ମୁଖରେ ଥିବା ସହିଦ ଉଛବ ମଲ୍ଲିକଙ୍କ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ନିମାପଡା ପୋଲିସ ପକ୍ଷରୁ ସହିଦଙ୍କ ଉଦ୍ଦେଶ୍ୟରେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା ।ଏହି ଉପଲକ୍ଷେ ଆୟୋଜିତ ସଭାରେ ଅତିଥି ଭାବେ ଜଗତସିଂହପୁର ସାଂସଦ ଡଃ ରାଜଶ୍ରୀ ମଲ୍ଲିକ, ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ନିମାପଡା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପରିଚ଼ାଳନା କମିଟି ସଭାପତି ଜଗତ ପ୍ରସାଦ ସାବୁତ୍,ଏନ.ଏ.ସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ ପ୍ରମୁଖ ଯୋଗଦେଇ ସହିଦ ଉଛବ ଙ୍କ ସ୍ମୃତି ଚ଼ାରଣ କରିଥିଲେ ।ଏନ.ଏ.ସି ଅଧକ୍ଷା ସସ୍ମିତା ସାହୁ ଉତ୍ସବରେ ଅଧକ୍ଷତା କରିଥିଲେ । ସହୀଦ ସ୍ମୃତି ସଂସଦର ସମ୍ପାଦକ ବେଣୁଧର ସେନାପତି ମଞ୍ଚ ପରିଚ଼ାଳନା କରିବାସହ ଧନ୍ୟବାଦ ଅର୍ପଣ କରିଥିଲେ ।ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିଜେପି ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ। ଅମୃତ କଳସର ନଗର ପରିକ୍ରମା

ନିମାପଡ଼ା,(ପି.ଏନ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମଗ୍ର ଦେଶରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରାଯାଉଛି । ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ନିର୍ଦ୍ଦେଶରେ ପ୍ରତି ବ୍ଲକରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।ଏହି ଆହ୍ୱାନରେ ସାମିଲ ହୋଇ ଆଜି ନିମାପଡା ନଗର ମଣ୍ଡଳ ସଭାପତି ନିରଂଜନ ନାୟକଙ୍କ ନେତୃତ୍ୱରେ ମହାବୀର କଲୋନୀର ମା ମଙ୍ଗଳାଙ୍କ ମନ୍ଦିରରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ପୁର୍ଣ୍ଣ ?ଶ୍ୱରୀ ମନ୍ଦିର ନିକଟରେରେ ଶେଷ ହୋଇଥିଲା ।ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ(ରିଙ୍କୁ) ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବରିଷ୍ଠ ବିଜେପି ନେତ୍ରୀ ପ୍ରଭାତୀ ପରିଡା,ଦିଲ୍ଲିପ କୁମାର ପାତ୍ର, ମିନଲତା ମହାନ୍ତି,ଝିଲ୍ଲି ଲତା ଦାସ, ରଶ୍ମିତା ପାତ୍ର,ତୁଷାର ସ୍ୱାଇଁ, ରାକେଶ ସେନାପତି, ଜାନକୀ ନାଥ ଜେନା,ଦିଲ୍ଲିପ ପରିଡା,କୃଷ୍ଣ ଚ଼ନ୍ଦ୍ର ସ୍ୱାଇଁ,ଜଚ଼ିନ୍ଦ୍ର ସ୍ୱାଇଁ, ରାଜକିଶୋର ନାୟକ,ଭକ୍ତ ବନ୍ଧୁ ବିଶ୍ୱାଳ,ପ୍ରଣୟିନୀ ମିଶ୍ର,ମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ ।ଏକ ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଅମୃତ କଳସ ନଗର ପରିକ୍ରମା କରିଥିଲା ।ମାଟି ସଂଗ୍ରହ ସହ ବୀର ସହିଦଙ୍କୁ ନମନ କରି ପଞ୍ଚ ପ୍ରାଣର ଦେଶକୁ ବିଶ୍ୱରେ ସବୁଠାରୁ ଶକ୍ତିଶାଳୀ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ।

## ଖପ୍ରାଖୋଲ ଠାରେ ଆମ କୃଷି ସମ୍ପର୍କିତ ସଚେତନତା ଶିବିର



ଖପ୍ରାଖୋଲ,ଭୋଜରାଜ ବରିହା,(ପି.ଏନ): ଖପ୍ରାଖୋଲ ବ୍ଲକ୍ କୃଷି ଓ ପରାମର୍ଶ କେନ୍ଦ୍ର ତାଲିମ ଗୃହ ଠାରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ଆମ କୃଷି ସମ୍ପର୍କିତ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଥିଲା। ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ତାଲିମ ଦାତା ରୂପେ ଭୁବନେଶ୍ୱର ଇମେଜ ର ଆମ କୃଷି କାର୍ଯ୍ୟକ୍ରମ ର ପ୍ରକଳ୍ପ ସଂଯୋଜକ ତୁଳସୀ ରାମ ନାଏକ, ଆତ୍ମା ସଭାପତି ଯଶୋବନ୍ତ ସାହୁ ପ୍ରମୁଖ ଯୋଗଦେଇ ଆମ କୃଷି କାର୍ଯ୍ୟକ୍ରମ ପାଇଁ ଚ଼ାଷୀ ଟୋଲ ଫ୍ରି ନମ୍ବର ରେ ଫୋନ କରି କୃଷି, ଉଦ୍ୟାନ କୃଷି, ପ୍ରାଣୀସମ୍ପଦ ପାଳନ, ମତ୍ସ୍ୟ ଚ଼ାଷ ସମ୍ପର୍କରେ ବିଭିନ୍ନ ତଥ୍ୟ ମିଳି ପାରିବ ବୋଲି କହିଥିଲେ। ଏହି ଅବସରରେ ଏ ଟି ଏମ୍, ମାନସ ଖମାରୀ, ପରେଶ୍ ମେହେର, ଏଫ୍ ଇ ଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ସମେତ କୃଷି କର୍ମଚ଼ାରୀ, କୃଷକ ସାଥି ଯୋଗଦେଇଥିଲେ।

## ସାଇରାମ ଜରାଶ୍ରମରେ ଅସହାୟ କଲ୍ୟାଣ ସମିତିର ସହାୟତା



ପାରାଦୀପ,(ପି.ଏନ): ପାରାଦୀପର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସହାୟ କଲ୍ୟାଣ ସମିତି ପକ୍ଷରୁ ହାଣ୍ଡିଆ ଗ୍ରାମ ସ୍ଥିତ ସାଇରାମ ଜରାଶ୍ରମ ଅନ୍ତେବାସୀ ମାନଙ୍କୁ ଶନିବାର ଦିନ ରନ୍ଧାଖାଦ୍ୟ, ବିସ୍କୁଟ, ମିଷ୍ଟାନ ଇତ୍ୟାଦି ବଣ୍ଟନ କରାଯାଇଥିଲା । କଲ୍ୟାଣ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରୀତି ରନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଭାପତି ପ ।ନନ ବେହେରା, ସାଧାରଣ ସମ୍ପାଦିକା ପ୍ରୀତିରେଖ ନାୟକ, ଉପସଭାନେତ୍ରୀ ଧରିତ୍ରୀ ସାମଲ, କୋଷାଧକ୍ଷ ଯୁଧିଷ୍ଠିର ସ୍ୱାଇଁ, ସଦସ୍ୟ ମମତା ବିଶ୍ୱାଳ, ମାନସ ନାୟକ, ଜୋସ୍ନାରାଣୀ ଦାସ, ରଶ୍ମିତା ଓଝା, ରଶ୍ମିତା ସାହୁ, କୈଳାସ ଗୋଛାୟତ, ଲକ୍ଷ୍ମିପ୍ରିୟା ମାଇତି, ରୁନିଆ ଜେନା, ସୁଶାନ୍ତ ଜେନା, ସରୋଜିନି ଜେନା, ଶର୍ମିଷ୍ଠା ଭୂୟାଁ, ରୀନା ମଲ୍ଲିକ, ସୂର୍ଯ୍ୟଶିଖା ପଟ୍ଟନାୟକ ପ୍ରମୁଖ ଆଶ୍ରମର ଅ‘ବାସୀ ମାନଙ୍କୁ ଏସମସ୍ତ ସାମଗ୍ରୀ ବଣ୍ଟନ କରିଥିଲେ । ତେବେ ଆଗାମି ଦଶହରା ପର୍ବ ସମୟରେ ଜରାଶ୍ରମର ସମସ୍ତ ଅନ୍ତେବାସୀ ମାନଙ୍କୁ ସାଢୀ ଓ ବସ୍ତ୍ର ପ୍ରଦାନ କରାଯିବ ବୋଲି ମୁଖ୍ୟ ଉପଦେଷ୍ଟା ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ଉଲ୍ଲେଖ ଥାଉକି, ପ୍ରତିମାସର ୧୬ ତାରିଖରେ ଷଣ୍ଢକୁଦ ବସ୍ତି ଅଂଚଳର ଅସହାୟ ବୃଦ୍ଧବୃଦ୍ଧା ମାନଙ୍କୁ କଲ୍ୟାଣ ସମିତି ପକ୍ଷରୁ ନିୟମିତ ଭାବେ ଭ । ବଣ୍ଟନ କରାଯାଉଛି ଏବଂ ଆଗାମି ଦିନରେ ବିଭିନ୍ନ ଅଂଚଳର ନିଃସହାୟ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଭ ।ବଣ୍ଟନ କରାଯିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି ।

## ବରିଷ୍ଠ କଂଗ୍ରେସ କର୍ମୀ ନିରଞ୍ଜନ ପ୍ରଧାନ(୯୫)ଙ୍କ ବିୟୋଗରେ ଶୋକ

ଦର୍ପଣ , (ପିଏନ):ବଡଚଣା ବ୍ଲକ ଦୋଉଲପୁର ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀଙ୍କ ବିୟୋଗରେ ଗଭୀର ଶୋକର ଛାୟା ଖେଳି ଯାଇଛି । ସେ ବଡଚଣା ବଜାରର ଜଣେ ବ୍ୟବସାୟୀ ହୋଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । ସେ ମଧ୍ୟ ମୁରବୀ ଭାବରେ ପରିଚିତ ଅଟନ୍ତି । ତାଙ୍କର ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ପ୍ରାକ୍ତନ ପଂଚାୟତ ସମିତି ଅଧକ୍ଷ ନିରଂଜନ ସାହୁ, ସରପଂଚ ରାଜଲକ୍ଷ୍ମୀ ମହାନ୍ତି ସମିତିସଭ୍ୟ ମଧୁସୁଦନ ବଳ, ପ୍ରାକ୍ତନ ସରପଂଚ ରବିନ୍ଦ୍ର ନାଥ ଦାଶ, ନିଳକଣ୍ଠ ମିଶ୍ର, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ରାଉତ, ସମାଜସେବୀ ପ୍ରଦୀପ୍ତସ କୁମାର ପ୍ରଧାନ, ପ୍ରକାଶ କୁମାର ପ୍ରଧାନ, କାର୍ତିକ ପ୍ରଧାନ, ପୂର୍ବତନ ସରପଂଚ ଭାଗ୍ୟଧର ପ୍ରଧାନ, ରବିନ୍ଦ୍ର ପ୍ରଧାନ, ପ୍ରକ୍ତନ ସମିତି ସଭ୍ୟା ପ୍ରତିଭା ଖୁଂଟିଆ, ସ୍ୱେଚ୍ଛାସେବୀ ବଦ୍ରୀନାରାୟଣ ପ୍ରଧାନ, ସ୍ମୃତି ରଂଜନ ପ୍ରଧାନ, ଯାଜପୁର ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ,କିଶୋର ସାମଲ, ଜଗନ୍ନାଥ ପ୍ରଧାନ, ଜାନକୀ ବଲ୍ଲଭ ପ୍ରଧାବ ପ୍ରମୁଖ ଗଭିର ଶୋକ ପ୍ରକାଶ କରିଛନ୍ତି, ତାଙ୍କର ପୁତ୍ର ଚିତ ରଂଜନ ପ୍ରଧାନ ମୁଖାଗ୍ନୀ ଦେଇଥିଲେ ।

## କାକଟପୁର ଥାନାର ରୂପ ବଦଳିଲା , କିନ୍ତୁ ସମସ୍ୟା ସୁଧୁରିଲାନି




କାକଟପୁର ,(ପି.ଏନ): ପୁରୀ ଜିଲ୍ଲା କାକଟପୁର ଥାନାର ବିଟ୍ରିଶ ଅମଳରୁ ନିର୍ମିତ ଆଜବେଷ୍ଟେସ ଗୃହ ଭଙ୍ଗାଯାଇ ୨ ମହଲା ବିଶିଷ୍ଟ ଅତ୍ୟାଧୁନିକ ଛାତ ଘର ନିର୍ମାଣ ହେଲା । ଏକ ବର୍ଣ୍ଣାଢ୍ୟ ପରିବେଶରେ କାକଟପୁର ନିର୍ବାଚ଼ନ ମଣ୍ଡଳୀ ବିଧାୟକ ତଥା କ୍ରୀଡା ଯୁବବ୍ୟାପର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା ଏହାକୁ ଉଦଘାଟନ କଲେ । ଥାନାର ପରିସୀମା ଓ ରୂପ ସିନା ବଦଳିଗଲା କିନ୍ତୁ ଦୀର୍ଘ ଦିନ ଧରି ଏହି ଥାନାରେ ଲାଗିରହିଥିବା ବହୁବିଦ୍ଧ ସମସ୍ୟା ଓ (ପାରିପାର୍ଶ୍ୱିକ) ଅବସ୍ଥାରେ ଏଯାବତ ସୁଧାର ଆସିପାରିଲା ନାହିଁ । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ନୂତନ ଥାନାରେ ବିଦ୍ୟୁତ କଟିଲେ ଥାନାରେ ଜେନେଟର କିମ୍ବା ଇନଭଟରଟିଏ ନଥିବାରୁ ଥାନା ଅଧିକାରୀଙ୍କ ଠାରୁ ଆରମ୍ଭ କରି କର୍ମଚ଼ାରୀମାନେ ଯେ ଯାହାର ଟେବୁଲ ଉପରେ ଟର୍ଚ୍ଚ ଲାଇଟ କିମ୍ବା ମୋବାଇଲ ଲାଇଟମାରି ବିଦ୍ୟୁତ ଆସିବା ପର୍ଯ୍ୟନ୍ତ ବସିଥାନ୍ତି । କାକଟପୁର ଥାନା ଅଧିନରେ ୧୬ ଗୋଟି ଗ୍ରାମପଞ୍ଚାୟତ ଥିବାବେଳେ ଆଇନ ଶୃଙ୍ଖଳା ରକ୍ଷାକରିବା ଓ ଭିଆଇପି ସୁରକ୍ଷା ଦିଗରେ କାକଟପୁର ଥାନାକୁ ଯେଉଁ ବୋଲର ଗାଡିଟି ମିଳିଛି ତା ଅବସ୍ଥା ନକହିବା ଭଲ । ବୋଲରର ବଡି ଠାଏ ଠାଏ ଖାଇଯାଇଥିବା ବେଳେ , ଏହି ଗାଡି କୁଆଡେ ସହଜରେ ଷ୍ଟାଟ ହୁଏ ନାହିଁ । ଯଦିବା ବହୁ କଷ୍ଟରେ ଷ୍ଟାଟ ହୁଏ ତେବେ ଏହା ରାସ୍ତାରେ ଦ୍ରୁତ ଗତିରେ ଯାଇପାରୁନଥିବାରୁ ବେଳେବେଳେ ଦେଖାଯାଇଛି ଏହି ଗାଡି ଅପରାଧ ହେଉଥିବା ସ୍ଥାନରେ ପହଞ୍ଚିବା ପୂର୍ବରୁ ଅପରାଧୀ ଚ଼ତୁରତାର ସହ ଖସିଯାଇଥାଏ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହୁଛନ୍ତି । ସେହିପରି ଏହି ଥାନାରେ ଅଧିକାଂଶ ପଦବୀ ଖାଲି ପଡିଛି । ଥାନାରେ ଜଣେ ଆଇଆଇସି , ୨ ଜଣ ଏସଆଇ, ୩ ଜଣ ଏଏସଆଇ , ୨ ଜଣ ହାବିଲଦାର , ଓ ୧୦ ଜଣ କନେଷ୍ଟବଳ ପଦବୀ ଥିବା ବେଳେ ବର୍ତ୍ତମାନ ଥାନାରେ ଜଣେ ଆଇଆଇସି , ଜଣେ ଏସଆଇ , ୩ ଏଏସଆଇ ବଦଳରେ ୫ ଜଣ ଏଏସଆଇ , ୫ ଜଣ କନେଷ୍ଟବଳ ଓ ହାବିଲଦାର ୨ ଟି ଯାକ ପଦବୀ ଦୀର୍ଘ ଦିନ ଧରି ଖାଲି ପଡିଛି । ଥାନା ଗାଡିର ଅବସ୍ଥା ଭଲ ନଥିବାବେଳେ ଥାନାରେ ନାହାନ୍ତି ଆବଶ୍ୟକୀୟ କର୍ମଚ଼ାରୀ । କାକଟପୁର ଥାନା ଅଞ୍ଚଳ ଏକ (ସମ୍ବେଦନ )ଶୀଳ ଅଞ୍ଚଳ ହୋଇଥିବାବେଳେ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା କରିବା ସହ ଅନେକ ସମୟରେ କାକଟପୁର ଥାନା ପୁଲିସକୁ ଭିଆଇପି ସୁରକ୍ଷା , ମନ୍ତ୍ରୀ ଏମଏଲଙ୍କ ସୁରକ୍ଷା ଦେବାର ପୁଲିସର ଆବଶ୍ୟକତା ପଡିଥାଏ କ୍ଷ ପୁରୀ ଜିଲ୍ଲା ଆରକ୍ଷୀଅଧିକ୍ଷକ ଏଦିଗରେ ଦୃଷ୍ଟି ଦେବାସହ କାକଟପୁର ଥାନାରେ ଖାଲି ପଡ଼ିଥିବା ପଦବୀ ପୂରଣ ସହ ଥାନାକୁ ଏକ ନୂତନ ଗାଡି ଯୋଗାଇଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ ହେଉଛି ।

## ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ମାଲକାନଗିରି ଗସ୍ତ



ମାଲକାନଗିରି,(ପି.ଏନ): ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ମାଲକାନଗିରି ଜିଲ୍ଲା ଗସ୍ତ କରି ଥିବା ବେଳେ ଦଣ୍ଡକାରଣ୍ୟ ପଡ଼ିଆ ଠାରେ ଆୟୋଜିତ ସଭାରେ ନିଜର ମତବ୍ୟକ୍ତ କରିଥିଲେ ।ସେ କହିଲେ ଯେ ମାଲକାନଗିରି ଜିଲ୍ଲାର ଜନସଂଖ୍ୟା ୮ ଲକ୍ଷ ୫୨ ହଜାର ରହିଥିବା ବେଳେ ଶତକଡା ୭୫ ପ୍ରତିଶତ ଲୋକ ଶ୍ରମଜୀବୀ ଓ ଚ଼ାଷୀ । ମାଲକାନଗିରି ଜିଲ୍ଲାରେ କାମ ନପାଇ ଅଧିକାଂଶ ଲୋକେ ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶକୁ ଦାଦନ ଶ୍ରମିକ ଭାବେ ଯାଇ ପରିବାର ପ୍ରତିପୋଷଣ କରିଥାନ୍ତି । ଯଦି ଜିଲ୍ଲାରେ କିଛି ଶିଳ୍ପ ବା ଛୋଟ ବଡ଼ ଉଦ୍ୟୋଗ ହୋଇଥାନ୍ତା,ତାହା ହେଲେ ସେମାନେ ଅନ୍ୟ ରାଜ୍ୟକୁ ନ ଯାଇ ନିଜ ଜିଲ୍ଲାରେ କାମ ପାଇଥାନ୍ତେ। ଭାରତ ସ୍ୱାଧୀନ ହେବାର ୭୬ ବର୍ଷ ବିତିଯାଇଥିଲେ ମଧ୍ୟ ମାଲକାନଗିରି ଜିଲ୍ଲାରେ ଥିବା ୭ ଟି ବ୍ଲକ ମଧ୍ୟରୁ ମାଥିଲି, ଖଇରପୁଟ ଓ ଚ଼ିତ୍ରକୋଣ୍ଡା ବ୍ଲକରେ ଜଳସେଚ଼ନର ସୁବିଧା ନାହିଁ । ଫଳରେ ଚ଼ାଷୀମାନେ ବର୍ଷା ଉପରେ ନିର୍ଭରଶୀଳ । ବର୍ଷା ନହେଲେ ଚ଼ାଷୀ ଆର୍ଥିକ ମାନଦଣ୍ଡ ଦୋହଲି ପଡେ । ଆଉ ୪ବ୍ଲକର ୫୦ ପ୍ରତିଶତ ଜମିରେ ଜଳସେଚ଼ନର ସୁବିଧା ନାହିଁ। ଜଳସେଚ଼ନର ସୁବିଧା ଥିଲେ ଚ଼ାଷୀମାନେ ବର୍ଷକୁ ୩ ରୁ ୪ ଟା ଫସଲ କରିପାରିଥାନ୍ତେ । ବି.ଇଡି କଲେଜ ନିର୍ମାଣ କାର୍ଯ୍ୟ ୫ବର୍ଷ ହେଲା ଶେଷ ହୋଇଥିବା ବେଳେ ଏହା କାର୍ଯ୍ୟକ୍ଷମ ହୋଇନାହିଁ । ବର୍ତ୍ତମାନ ବିଇଡି କଲେଜ ଭଗ୍ନ ଅବସ୍ଥାରେ ପଡ଼ିରହିଛି । ରାଜ୍ୟରେ ମାଲକାନଗିରି ଜିଲ୍ଲା ୩୦ ନମ୍ବର ରହିଛି। ଗତ ୨୦୧୧ ମସିହାର ଜନଗଣନା ଅନୁଯାୟୀ ଜିଲ୍ଲାର ମହିଳାଙ୍କ ସାକ୍ଷରତା ହାର ଶତକଡା ୬ ପ୍ରତିଶତରେ ସୀମିତ ରହିଛି । ଜିଲ୍ଲାରେ ଶିଶୁ ମୃତ୍ୟୁ ହାର, ମାତୃ ମୃତ୍ୟୁହାର ଓ କୁପୋଷଣ ହାର ସର୍ବାଧିକ ରହିଛି । ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ସରକାରୀ କର୍ମଚ଼ାରୀଙ୍କ ଘୋର ଅଭାବ ରହିଛି । ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହିଁ, ହସ୍ପିଟାଲରେ ଡାକ୍ତର ଆବଶ୍ୟକ ଅନୁସାରେ ନାହିଁ। ଭୁବନେଶ୍ୱରରେ ତାମିଲନାଡୁର ଜଣେ ପ୍ରଭାବଶାଳୀ ମହିଳା ୧୫୦ ଏକର ଜମି ଜବରଦଖଲ କରି ୩୦୦ ଏକର ଜମିରେ ପାଣି ବନ୍ଦ କରିଛନ୍ତି । ଯଦି ସେଠାରେ ଏଭଳି ଅବସ୍ଥା ତାହା ହେଲେ ମାଲକାନଗିରିରେ ଏଭଳି ଜବରଦଖଲ କେତେ ଥିବ ବୋଲି ପ୍ରଶ୍ନ କରିଛନ୍ତି ସାଂସଦ ଅପରାଜିତା। ମୁଖ୍ୟମନ୍ତ୍ରୀ ଧୃତରାଷ୍ଟ୍ର ପରି ନିରବ ରହିଛନ୍ତି । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଡି, ବିଜେପିର ବରିଷ୍ଠ ନେତା ଗୁରୁଚ଼ରଣ ମହାନ୍ତି, ମନୋଜ କୁମାର ପା?1, ମାଲକାନଗିରି ବିକାଶ ପରିଷଦର ଆବାହକ ଇ.ପ୍ରସାଦ ରାଓ , ଆମ ପରିବାରର ଆବାହକ ଜୀବନ ସାହୁ, ଆମ ପରିବାରର ଆବାହକ ମନ୍ମଥ ମଲ୍ଲିକ, ରାଜ୍ୟ ଆବାହକ ନିଶିକାନ୍ତ ନାୟକ, ସଂଯୋଜକ ରଶ୍ମି ରଞ୍ଜନ ଲେଙ୍କା, କୋରାପୁଟ ଜିଲ୍ଲାର ପୂର୍ବତନ ବିଜେପି ସଭାପତି ବିଜୟ ମିଶ୍ରଙ୍କ ସମେତ ବହୁ ସାମାଜିକ କର୍ମି ଯୋଗ ଦେଇଥିଲେ । ଏ ଅବସରରେ ମାଲକାନଗିରି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ଜିଲ୍ଲା ଡ୍ରାଇଭର ସଂଘ ଓ କ୍ଷୁଦ୍ର ଜମାକାରୀ ସଂଘ ଦ୍ୱାରା ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା । ସଭା ପୂର୍ବରୁ ସ୍ଥାନୀୟ ବସଷ୍ଟାଣ୍ଡରୁ ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀଙ୍କୁ ସ୍ୱାଗତ କରାଯାଇ ଏକ ବିରାଟ ପଦଯାତ୍ରାରେ ଦଣ୍ଡକାରଣ୍ୟ ପଡ଼ିଆରେ ପ୍ରବେଶ କରି ସାଧାରଣ ଜନତାଙ୍କୁ ଉଦବୋଧନ ଦେଇଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray